visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.259, Bhubaneswar Tuesday, November 26, 2019 ୨୨ତମ ବର୍ଷ ସଂଖ୍ୟା–୨୫୯ ଭୁବନେଶ୍ୱର , ମଙ୍ଗଳବାର, ନଭେମ୍ବର ୨୬, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ବିଧାନସଭାରେ ଉଠିଲା ତିର୍ତୋଲ ଦଳିତ ଯୁବତୀ ଦୁଷ୍କର୍ମ ଘଟଣା

### – ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି – ମୁଖ୍ୟମନ୍ତ୍ରୀ ବିବୃତି ରଖିବା ଦାବିରେ କଂଗ୍ରେସର ହଟ୍ଟଗୋଳ , ଗୃହ ବାରମ୍ବାର ମୁଲତବୀ – ବିବୃତି ରଖିବାକୁ ବାଚସ୍ପତିଙ୍କ ରୁଲିଂ

ଭୁବନେଶ୍ୱର, ୨୫।୧୧(ପି.ଏନ): ସୋମବାର ବିଧାନସଭାରେ ଜଗତସିଂହପୁର ଜିଲ୍ଲାର ତିର୍ତୋଲରେ ଘଟିଥିବା ଦଳିତ ଝିଅକୁ ଦୁଷ୍କର୍ମ ଘଟଣାକୁ ଉଠାଇଥିଲେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଏହି ପ୍ରସଙ୍ଗ ଯଦି ସତ ହୋଇଥିବ ତେବେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ । ସେ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ଦେବାକୁ ନିର୍ଦ୍ଦେଶ ଦେବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ପରେ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ରୁଲିଂ ଦେବାକୁ ଦାବି କରି ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ହଟ୍ଟଗୋଳ କାରଣରୁ ବିଧାନସଭା ପ୍ରଥମାର୍ଦ୍ଧରେ ତିନି ଥର ବାଚସ୍ପତିଙ୍କୁ ଗୃହକୁ ମୁଲତବୀ କରିବାକୁ ପଡିଥିଲା । ଗୃହ ବାରମ୍ବାର ମୁଲତବୀ ହେଉଥିବାରୁ ବାଚସ୍ପତି ରୁଲିଂ ଦେଇ ସରକାରଙ୍କୁ ଗୃହରେ ବିବୃତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୂନ୍ୟ କାଳରେ ଶ୍ରୀ ନରସିଂହ ମିଶ୍ର ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ମହିଳା ମାନଙ୍କ ପ୍ରତି ନିର୍ଯ୍ୟାତନା ମାମଲାରେ ରାଜନୀତି କରିବା ଉଚିତ ନୁହେଁ ବୋଲି ଦେଇଥିବା ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଥିଲେ । ସେ କହିଥିଲେ ଯେ ଜଗତସିଂହପୁର ଜିଲ୍ଲାରେ ଦଳିତ ଝିଅ ସହିତ ଯେ ପରି ଭାବରେ ତାର ମାତା ପିତାଙ୍କ ସାମନାରେ ଦୁଷ୍କର୍ମ କରା ଗଲା ଓ ପରେ ସେହି ଝିଅ ଆତ୍ମହତ୍ୟା କଲା ।ଏହି ଖବର ଏକ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶ ପାଇଛି । ଯଦି ଏହି ଘଟଣାଟି ସତ୍ୟ ହୋଇଥାଏ ତେବେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବା ଦରକାର । ଯଦି ଏହା ମିଛ ହୋଇଥାଏ ତେବେ ସଂପୃକ୍ତ ଖବରକାଗଜ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ଏହି ମାମଲାରେ ପୋଲିସ, ପ୍ରଶାସନ କେହି ପୀଡିତା ଓ ତାଙ୍କ ପରିବାର କଥା ଶୁଣିଲେ ନାହିଁ । ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଏବଂ ବିଜେଡି ଏସସି ସେଲର ଅଧ୍ୟକ୍ଷ ବିଷ୍ଣୁଚରଣ ଦାସ କହିଛନ୍ତି ଯେ ଝିଅର ଶବକୁ ମଧ୍ୟ ମଶାଣୀରେ ସତ୍କାର କରିବାକୁ ଦିଆଗଲା ନାହିଁ । ଏହା ସଭ୍ୟ ସମାଜ ପ୍ରତି ଅପମାନ । ଶ୍ରୀ ମିଶ୍ର କହିଛନ୍ତି ଯେ ଏହି କଥା ଶାସକ ଦଳର ବିଧାୟକ କହିଛନ୍ତି । ତେବେ ସେ କଣ ରାଜନୀତି କରୁ ନାହାନ୍ତି । ଶ୍ରୀ ମିଶ୍ର କହୁଥିବା ବେଳେ ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ଶୂନ୍ୟକାଳରେ ଅନେକ ବିଧାୟକଙ୍କ ଅନେକ ବିଷୟ କହିବାର ଅଛି । ତେଣୁ ଅନ୍ୟ ମାନଙ୍କୁ ମଧ୍ୟ କହିବାକୁ ସୁଯୋଗ ଦେବା ଉଚିତ । ଏହା ପରେ ବାଚସ୍ପତି ଓ ଶ୍ରୀ ମିଶ୍ରଙ୍କ ମଧ୍ୟରେ କଥା କଟାକଟି ହେବାର ଦେଖା ଯାଇଥିଲା । ନରସିଂହ ମିଶ୍ର କହିଥିଲେ ଯେ ଏହି ଘଟଣା ଠାରୁ ଅଧିକ ସମ୍ବେଦନଶୀଳ ପ୍ରସଙ୍ଗ ଆଉ କିଛି ଥାଇ ନ ପାରେ । ତାଙ୍କୁ ଅଧିକ କହିବାକୁ ସୁଯୋଗ ନ ଦେବାରୁ ଅନ୍ୟ ବିଧାୟକ ମାନେ ମଧ୍ୟ ବାଚସ୍ପତିଙ୍କୁ ବିରୋଧ କରିଥିଲେ । ଫଳରେ ବାଚସ୍ପତି ତାଙ୍କୁ କହିବାକୁ ଦେଇଥିଲେ । ଶ୍ରୀ ମିଶ୍ର ଏହି ପ୍ରସଙ୍ଗ କହି ସାରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଘଟଣା ଉପରେ ବକ୍ତବ୍ୟ ଦେବାକୁ ନିର୍ଦ୍ଦେଶ ଦେବା ପାଇଁ ବାଚସ୍ପତିଙ୍କ ଠାରୁ ରୁଲିଂ ଦାବି କରିଥିଲେ । ମାତ୍ର ବାଚସ୍ପତି ଏ ସମ୍ପର୍କିତ ରୁଲିଂ ଦେଇ ନ ଥିଲେ । ଏହାର କିଛି ସମୟ ପରେ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ରୁଲିଂ ଦାବି କରି ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକ ୩ଟା ବେଳେ ଆରମ୍ଭ ହୋଇଥିଲା । ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ବକ୍ତବ୍ୟ ଦେବାକୁ ରୁଲିଂ ପ୍ରଦାନ କରିବା ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରି ହଟ୍ଟଗୋଳ କରିଥିଲେ । ଏହା ଫଳରେ ବାଚସ୍ପତି ଗୃହକୁ ୩.୦୪ ରୁ ଅଧ ଘଂଟା ପାଇଁ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ ।




ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୮,୭୧,୧୪୭ ଟଙ୍କାର ଏକ ଚେକ୍ ଇଣ୍ଡିଆନ ଅର୍ଡ଼ିନାନ୍ସ ଫ୍ୟାକ୍ଟ୍ରି କର୍ମଚାରୀଙ୍କ ପକ୍ଷରୁ ପ୍ରଦାନ କରାଯାଉଅଛି

## ନକଲି ଜର୍ଦ୍ଦା କାରଖାନା ଠାବ, ଜଣେ ଗିରଫ

ଭଦ୍ରକ, ୨୫।୧୧(ପି.ଏନ): ଗତକାଲି ରାତିରେ ଭଦ୍ରକ ପୁରୁଣାବଜାର ଥାନା ଅଧୀନସ୍ଥ ମିର୍ଜାପୁରରେ ପୁଣି ଏକ ନକଲି ଜର୍ଦ୍ଦା କାରଖାନା ଠାବ କରାଯାଇଛି । ଏବଂ ଏକ ବାଇକ୍ ସହ ଜଣକୁ ପୁଲିସ୍ ଗିରଫ କରିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଦୀର୍ଘବର୍ଷ ଧରି ଭଦ୍ରକ ସହରର ପୁରୁଣାବଜାର–ଚନ୍ଦନବଜାର ଅଂଚଳ ନକଲି ଜର୍ଦ୍ଦା ବ୍ୟବସାୟୀଙ୍କର ଭୂସ୍ୱର୍ଗ ପାଲଟିଛି । ଗତ ୨ ବର୍ଷ ମଧ୍ୟରେ ଏହି ଅଂଚଳରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ନାମୀଦାମୀ କଂପାନୀର ନକଲି ଜର୍ଦ୍ଦା, ତିଆରି ସାମଗ୍ରୀ ଓ ମେସିନ୍ ଜବତ ହୋଇଆସୁଥିଲେ ମଧ୍ୟ ତାହା ଥମିନାହିଁ । ତେବେ କୌଣସି ସୂତ୍ରରୁ ଖବର ପାଇ ଆଜି ପୁରୁଣାବଜାର ଥାନା ପୁଲିସ୍ ମିର୍ଜାପୁରରେ ଚଢାଉ କରିଥିଲା । ଏବଂ ସେକ୍ ବବୁଲ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା ।

## ଖୋର୍ଦ୍ଧା ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ, ପୂର୍ବ ଶୁଣାଣୀର କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ

ଜଟଣୀ, ୨୫।୧୧(ପି.ଏନ): ଜଟଣୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଖୋର୍ଦ୍ଧାଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧାଜିଲ୍ଲାପାଳ ସିତାଂଶୁ କୁମାର ରାଉତ, ଜିଲ୍ଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପ-ଜିଲ୍ଲାପାଳ ଦେବବ୍ରତ ସାହୁ, ଜଟଣୀ ବିଡିଓ ବାସୁଦେବ ମାହାରୀ, ଜଟଣୀ ପୌର ନିର୍ବାହିଧିକାରୀ ତପନ କୁମାର ମହାପାତ୍ର,ଜଟଣୀ ଥାନା ଆଇଆଇସି ବିଶ୍ୱରଂଜନ ସାହୁ,ଜଟଣୀ ତହସିଲଦାର, ଜିଲା ଶିକ୍ଷାଧିକାରୀ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲ୍ଲା ଶ୍ରମଧିକାରୀ, ଜିଲା ମଙ୍ଗଳଧିକାରୀ, ଜିଲା ପଚାଂୟତଧିକାରୀ, ଜିଲା କୃଷିଧିକାରୀ, ଜିଲା ଯୋଗାଣଧିକାରୀ, ଜଟଣୀ ଉପକୋଷାଗାରଧିକାରୀ, ସିଡିପିଓ, ସହକାରୀ କୃଷିଧିକାରୀ, ବିଦ୍ୟୁତ, ଜନସ୍ୱାସ୍ଥ୍ୟ ବିଭାଗ ପ୍ରଭୃତିର ଅଧିକାରୀମାନେ ଯୋଗ ଦେଇଥିଲେ ।

## ଡାକ୍ତର ନିଯୁକ୍ତି ଦାବିରେ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ୨ୟ ଦିନରେ

କୋରେଇ, ୨୫।୧୧(ପି.ଏନ): ଡାକ୍ତର ନିଯୁକ୍ତି ଦାବିରେ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଚାଲିଥିବା ଗଣଧାରଣା ଦ୍ୱିତୀୟ ଦିନରେ ପହଂଚିଛି । ଦୀର୍ଘ ଦିନ ହେବ ଡାକ୍ତର ଅଭାବ ଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି କରାଯାଉ ନାହିଁ । ଏମିତି କି ଦୀର୍ଘ ୧୧ ମାସ ହେବ ରୋଗୀ କଲ୍ୟାଣ ବୈଠକ ବସୁ ନାହିଁ । ଫଳରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର( ପାଣିକୋଇଲି, ମସୁଦପୁର, ଶଙ୍ଖଚିଲା, ପଛିକୋଟ, ବରୁଣ୍ଡାଇ ଓ ଦୁଲାଖାପାଟଣା) ଆଦି ରହିଥିବା ବେଳେ ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବାବେଳେ ସେମାନଙ୍କ ଅବସ୍ଥା ତଦରୁପ । ୧୫ ବର୍ଷ ହେବ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହେବା ବେଳୁହିଁ ଡାକ୍ତର ସମସ୍ୟା ଲାଗି ରହିଛି । ବିଭିନ୍ନ ବିଭାଗର ୯ ବିଶେଷଜ୍ଞ ରହିବାକୁ ଥିବା ବେଳେ ଡାକ୍ତରଙ୍କ ଅଭାବ ରହିଥିବାରୁ ବିଶେଷଜ୍ଞ ଆସିବା ସ୍ୱପ୍ନ ହୋଇଛି । ବିଶେଷ କରି ମେଡିସିନ, ଶଲ୍ୟ, ଶିଶୁ ,ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପଦବୀ ଥାଇ ମଧ୍ୟ ଡାକ୍ତର ନାହାନ୍ତି । ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପାଳି କରି ଡାକ୍ତର ଡକାଯାଉଥିବା ବେଳେ ହୋମିଓପାଥିକ ଓ ଆର୍ଯୁବେଦିକ ଡାକ୍ତରରେ ସେବା ଚାଲିଛି । ବିଭିନ୍ନ ସମୟରେ ରୋଗୀ ମାନେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ହେଉଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ଆସି ସେବା ପାଇବା ବଦଳରେ କେବଳ ସେମାନଙ୍କୁ ରେଫର କରାଯାଉଛି । ପୂର୍ବ ସୂଚନା ମୁତାବକ କୋରାଇ ଅଂଚଳର ବରିଷ୍ଠ ସଚେତନ ନାଗରିକମାନେ ଡାକ୍ତର ପଦବୀ ପୁରଣ ଦାବିରେ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଗଣ ଧାରଣା ୨ୟ ଦିନରେ ବସିଛନ୍ତି । ଯେ ପର୍ଯ୍ୟନ୍ତ ଡାକ୍ତର ପଦବୀ ପୂରଣ ନହୋଇ ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଗଣ ଧାରଣା ଚାଲୁ ରହିବ ବୋଲି ଆବାହକ ତଥା ପୁରସ୍ତମ ଦାସ ପ୍ରକାଶ କରିଛନ୍ତି । ଅଥୟ କୁମାର ମହାନ୍ତି, ସୁବାସ ଧଳ, ଜଗନ୍ନାଥ ମାଝୀ, ପିତାମ୍ବର ନନ୍ଦ, ପଦ୍ମଲୋଚନ ମହାନ୍ତି, ଦେବବ୍ରତ ମହାନ୍ତି, କାଜଲ ନାୟକ, ଲଭଲୀ ସାହୁ, ବ୍ରଜ କିଶୋର ପଟ୍ଟନାୟକ, ସିରାଜୁଦ୍ଦିନ ଖାଁ, କାହ୍ନୁ ଚରଣ ନାଥ, ମହେନ୍ଦ୍ର କୁମାର ମହାନ୍ତି, ନୃସିଂହ ଚରଣ ମୁଦୁଲି, ଭିକାରୀ ଚରଣ ସାହୁ, ପ୍ରଭାକର ବେହେରା, କେଶବ ବାରିକ, ମହମ୍ମଦ ରଫିକ, ମମତାଜ ଅଲ୍ଲୀ, ଅଖିଳ ନାଥ, ଗୋପିନାଥ ବିଶ୍ୱାଳ, ଅଭୟ କୁମାର ସିଂହ, ବିଜୟ କୁମାର ସିଂହ, ସୁବାସ ଦାସ, କ୍ରିଷ୍ଣ କୁମାର ପଟ୍ଟନାୟକ, ମନୋରଂଜନ ସାହୁଙ୍କ ସମେତ ଶତାଧିକ ସ୍ଥାନୀୟ ଅଧିବାସୀ ଯୋଗଦେଇଥିଲେ ।



‘ପର୍ଯ୍ୟବେକ୍ଷକ’ ଓ ‘ଦି କଳିଙ୍ଗ କ୍ରୋନିକିଲ’ର ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ବିଶିଷ୍ଟ ପରିବେଶବିତ ତଥା ସ୍ତମ୍ଭକାର ସ୍ୱର୍ଗତ ନଦିଆ ଚାନ୍ଦଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

## ବୁଲବୁଲ କ୍ଷତି ଭରଣା ପାଇଁ ବିଧାୟକଙ୍କୁ ଭେଟି ଦାବି ଜଣାଇଲା କୃଷକ ମଂଚ

କୋରେଇ, ୨୫।୧୧(ପି.ଏନ): ଚଳିତ ବର୍ଷ ଅଦିନିଆ ଲଗାଣ ବର୍ଷା ବୁଲବୁଲରେ ବର୍ଷା ଓ ପବନ ଯୋଗୁ କୋରାଇର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । ଏନେଇ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ପଂଚାୟତ ଓ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି । ମାତ୍ର ସବୁ ପରେ ବି କ୍ଷତିପୂରଣ ପାଇଁ ଅବଧି କୌଣସି ସରକାରୀସ୍ତରରେ ଘୋଷଣା କରାଯାଇ ନାହିଁ । ଏବେ ବି ଚାଷ ଜମିରେ ପାଣି ରହିଥିବାରୁ ଧାନ ଅମଳ ସମ୍ଭବ ହେଉନାହିଁ । କେତେକ ସ୍ଥାନରେ ପାଣି ଜମି ରହିବା ଫଳରେ ଧାନ ମାଟିରେ ମିଶି ଗଲାଣି ତ ପୁଣି କେଉଁଠି ଗଜା ହେବା ଦେଖିବାକୁ ମିଳୁଛି । କ୍ଷତିପୂରଣ ପାଇଁ ତୁରନ୍ତ ଘୋଷଣା ଦାବି କରିଛି କୋରାଇ କୃଷକ ମଂଚ । ମଂଚର ଆବାହକ ବଳରାମ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କୋରାଇ ବିଧାୟକ ଅଶୋକ ବଳଙ୍କୁ ଭେଟି ତୁରନ୍ତ ବୁଲବୁଲ କ୍ଷତି ପୂରଣ କରାଇବା ପାଇଁ ଲିଖିତ ଭାବେ ଦାବି ଜଣାଇଛନ୍ତି ।

## ଇଜିପ୍ଟରୁ ଆସିବ ପିଆଜ

ଭୁବନେଶ୍ୱର, ୨୫।୧୧(ପି.ଏନ): କେନ୍ଦ୍ର ଉପଭୋକ୍ତା ବ୍ୟାପାର ସଚିବ ଶ୍ରୀ ଅବିନାଶ କେ. ଶ୍ରୀବାସ୍ତବ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସେମାନଙ୍କ ରାଜ୍ୟରେ ପିଆଜର ଚାହିଦା ସମ୍ପର୍କରେ ଅନୁଧାନ କରିଛନ୍ତି । ଏଥିପୂର୍ବରୁ ଗତ ୨୩ ତାରିଖରେ ସଚିବଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖାଯାଇଥିଲା । ଏମଏମଟିସି ପକ୍ଷରୁ ଅର୍ଡର ଦିଆଯାଇଥିବା ୬୦୯୦ ମେଟ୍ରିକ ଟନ ପିଆଜ ଖୁବଶୀଘ୍ର ଇଜିପ୍ଟରୁ ଆସି ମୁମ୍ବାଇର ଜବାହରଲାଲ ନେହରୁ ବନ୍ଦରରେ ପହଁଚିବ । ଏହା ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଆସି ପହଁଚିଯିବ ବୋଲି ଆଶା କରାଯାଉଛି । ଏହାଛଡ଼ା ପିଆଜ ପୂର୍ବ-ମୁମ୍ବାଇ ଦର ଅନୁସାରେ କିଲୋପ୍ରତି ୫୨ରୁ ୫୫ ଟଙ୍କା ଦରରେ ରପ୍ତାନି ଷ୍ଟକରୁ ସଂଗ୍ରହ କରି ବିକ୍ରି କରିବା ଲାଗି ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯାଉଛି । ସେହିପରି ପୂର୍ବ ଦିଲ୍ଲୀ ଦର କିଲୋପ୍ରତି ୬୦ ଟଙ୍କାରେ ପିଆଜ ଉପଲବ୍ଧ କରାଯାଉଛି । ରାଜ୍ୟ ସରକାରମାନେ ସେମାନଙ୍କ ସ୍ଥାନୀୟ ଷ୍ଟକରୁ ପିଆଜ ନେଇପାରିବେ । ସେମାନଙ୍କୁ ମଧ୍ୟ ନାଫେଡ ଜରିଆରେ ପରିବହନ ସୁବିଧାର ବିକଳ୍ପ ଦିଆଯାଉଛି । ବିଦେଶରୁ ଆମଦାନୀ ହେଉଥିବା ପିଆଜ ଡିସେମ୍ବର ପ୍ରଥମ ସପ୍ତାହଠାରୁ ଯୋଗାଇ ଦିଆଯିବ । ଦିଲ୍ଲୀରେ ମଦର ଡାଏରୀ, କେନ୍ଦ୍ରୀୟ ଭଣ୍ଡାର ଓ ଏନସିସିଏଫ ଏବଂ ନିଜସ୍ୱ ବିକ୍ରୟ କେନ୍ଦ୍ର ଜରିଆରେ ପିଆଜ ଯୋଗାଇ ଦେବାକୁ ନାଫେଡକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ରାଜ୍ୟରୁ ହସ୍ତଗତ ମୋଟ ପିଆଜ ଚାହିଦା ୨୨୬୫ ମେଟ୍ରିକ ଟନ ରହିଛି, ଏଥିରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, କେରଳ ଓ ସିକ୍କିମ ସମେତ ଦିଲ୍ଲୀରେ ଯୋଗାଣ ପାଇଁ ନାଫେଡର ଆବଶ୍ୟକତା ସାମିଲ ରହିଛି । ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ସେମାନଙ୍କ ପିଆଜ ଚାହିଦା ସମ୍ପର୍କରେ ଯଥାଶୀଘ୍ର ଜଣାଇବା ପାଇଁ ଅନୁରୋଧ କରାଯାଇଛି, ଯଦ୍ୱାରା କେନ୍ଦ୍ର ସରକାର ଏହାକୁ ପୂରଣ କରିବା ଦିଗରେ ପଦକ୍ଷେପ ନେଇପାରିବେ ।

## ୯ ବର୍ଷରେ ବିଦ୍ୟୁତ୍ ଆଘାତରେ ମଲେଣି ୧୪୧୫ଜଣ , ହାତୀଙ୍କ ମୃତ୍ୟୁ ସଂଖ୍ୟା ୭୪

ଭୁବନେଶ୍ୱର, ୨୫।୧୧(ପି.ଏନ): ୨୦୧୦ରୁ ୨୦୧୯ ଅକ୍ଟୋବର ସୁଦ୍ଧା ରାଜ୍ୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା କର୍ମଚାରୀ ଓ ଜନସାଧାରଣଙ୍କ ସଂଖ୍ୟା ହେଉଛି ୧୪୧୫ । ସେହିପରି ଏହି ସମୟ ମଧ୍ୟରେ ବିଦ୍ୟୁତ୍ ଆଘାତରେ ୭୪ ହାତୀ ମରିଥିବା ବେଳେ ୮୪୩ ଗୃହପାଳିତ ପଶୁଙ୍କ ଜୀବନ ଯାଇଛି ବୋଲି ଶକ୍ତିମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରକାଶ କରିଛନ୍ତି । ସୋମବାର ବିରୋଧୀଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନଚରଣ ମାଝୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ ସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ସେସୁ ଅନ୍ତର୍ଗତ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ସଂଖ୍ୟା ଏହି ନ’ ବର୍ଷରେ ୫୮ ଥିବାବେଳେ ଜନସାଧାରଣଙ୍କ ଜୀବନ ଯାଇଛି ୪୩୯ ଜଣଙ୍କର । ୧୯୮ ଗୃହପାଳିତ ଓ ଅନ୍ୟାନ୍ୟ ପଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୪୫ ହାତୀଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ଏହିପରି ନେସ୍କୋ ଅଧୀନରେ ୪୭ କର୍ମଚାରୀ, ୧୯୪ ଜନସାଧାରଣଙ୍କ ମୃତ୍ୟୁ ଘଟିଛି । ସେହିପରି ୨୬୨ ଗୃହପାଳିତ ଓ ଅନ୍ୟାନ୍ୟ ପଶୁ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବାବେଳେ ୭ ହାତୀଙ୍କର ମୃତ୍ୟୁ ଘଟିଛି । ୱେସ୍କୋ ଅଧୀନରେ ୬୭ କର୍ମଚାରୀ ଏବଂ ୨୧୫ ଜନସାଧାରଣଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବାବେଳେ ୧୪୧ ଗୃହପାଳିତ ଓ ଅନ୍ୟାନ୍ୟ ପଶୁଙ୍କର ଏବଂ ୧୫ ହାତୀଙ୍କର ଜୀବନ ଯାଇଛି । ସାଉଥ୍କୋ ଅଧୀନରେ ୬୭ କର୍ମଚାରୀ, ୩୨୮ ଜନସାଧାରଣଙ୍କର ଜୀବନ ହାନୀ ଘଟିଥିବାବେଳେ ୨୮୨ ଗୃହପାଳିତ ଓ ଅନ୍ୟାନ୍ୟ ପଶୁ ଏବଂ ୭ ହାତୀଙ୍କର ମୃତ୍ୟୁ ଘଟିଛି । ଏହି ନ’ ବର୍ଷ ମଧ୍ୟରେ ସେସୁ ୫,୮୭,୮୧,୭୫୪ ଟଙ୍କା ଅନୁକମ୍ପା ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରିଥିବାବେଳେ ନେସ୍କୋ ଏହି ନ’ ବର୍ଷରେ ୨, ୮୪, ୫୨,୨୬୨ଟଙ୍କା, ୱେସ୍କୋ ୮, ୮୦,୯୫,୦୬୪ ଟଙ୍କା ଏବଂ ସାଉଥ୍କୋ ୫,୦୭,୭୪,୮୨୧ ଟଙ୍କା ଅନୁକମ୍ପା ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରିଛି ।ଅପରପକ୍ଷରେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାଗୁଡ଼ିକ କର୍ମଚାରୀ, ସାଧାରଣ ନାଗରିକ ତଥା ଗୃହପାଳିତ ପଶୁ ଏବଂ ହାତୀଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ କରୁନାହାନ୍ତି । ଯାହା ଉଦ୍‌ବେଗର ବିଷୟ । ସରକାର ଏ ସମ୍ପର୍କରେ ସମୀକ୍ଷା କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ଯେପରି ସଶକ୍ତ କରାଯିବ ସେଦିଗରେ ପଦକ୍ଷେପ ନେବା ଉଚିତ । ଏହିପରି ବିଦ୍ୟୁତ୍ ବିତରଣକାରୀ ସଂସ୍ଥାଗୁଡ଼ିକ ଯେପରି ଉତରଦାୟୀ ରହିବେ ସେଦିଗରେ ପଦକ୍ଷେପ ନେବାକୁ ଶ୍ରୀ ମାଝୀ ମତ ଦେଇଛନ୍ତି ।

## କେନ୍ଦୁଝର : ଟାଉନ ଥାନା ନିକଟରୁ ସ୍ପଷ୍ଟ ଦିବାଲୋକରେ ୪ଲକ୍ଷ ୫୦ ହଜାର ଟଙ୍କା ଲୁଟ

କେନ୍ଦୁଝର, ୨୫।୧୧(ପି.ଏନ): କେନ୍ଦୁଝର ସହର ମଧ୍ୟରେ ଜନଗହଳିପୂର୍ଣ୍ଣ ଟାଉନ ଥାନା ଅଂଚଳରେ ଆଜି ସୋମବାର ଦିନ ସ୍ପଷ୍ଟ ଦିବା ଲୋକରେ ୪ ଲକ୍ଷ ୫୦ ହଜାର ଟଙ୍କା ଲୁଟ ହେବା ଘଟଣାକୁ ସହରବାସୀ ସହଜରେ ହଜମ କରିପାରୁ ନଥିବା ବେଳେ ଏହି ଘଟଣା ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନ ଚିହ୍ନ ଲଗାଇଅଛି । ସୋମବାର ଦିନ ପ୍ରାୟ ସାଢେ ଏଗାର ଠାରୁ ବାରଟା ମଧ୍ୟରେ ଟାଉନଥାନା ଛକ ଉପରେ ଏକ ସ୍କୁଟି ଡିକିରୁ ଏହି ଟଙ୍କା ଲୁଟ ହୋଇଅଛି । ଜିଲ୍ଲାର ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟର ସାମନ୍ତରାପୁର ଅଂଚଳର ଆଫସର ଖାଁ ନାମକ ଜଣେ ବ୍ୟକ୍ତି , କେନ୍ଦୁଝର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ଶାଖାରୁ ୪ ଲକ୍ଷ ୫୦ ହଜାର ଟଙ୍କା ଉଠାଇ ସ୍କୁଟି ନଂ ଓ ଡି ୦୯ ଠ୬୨୮୧ ର ଡିକିରେ ରଖି ଟାଉନଥାନା ଛକରେ ଥିବା ଷ୍ଟୁଡିଓ ସମ୍ମୁଖରେ ରଖି ଷ୍ଟୁଡିଓ ଭିତରକୁ ଫଟୋ ଉଠାଇବାକୁ ଯାଇଥିଲେ । ମାତ୍ର କିଛି ସମୟ ପରେ ଷ୍ଟୁଡିଓ ଭିତରୁ ଫେରି ସେ ଦେଖିଲା ବେଳକୁ ତାଙ୍କ ସ୍କୁଟିର ଡିକି ଭାଙ୍ଗି କେହି ଦୁର୍ବୃତ୍ତ ସମସ୍ତ ଟଙ୍କା ନେଇ ଯାଇଥିବା ବେଳେ ଡିକିକୁ ଖୋଲା ଛାଡି ଯାଇଥିଲା । ଯେପରି ସେ ଦୁର୍ବୃତ୍ତ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟ କରି ଚାଲି ଯାଇଥିଲା । ଏହି ଘଟଣା ଦେଖି ଅଫସର ଖାଁ ତୁରନ୍ତ ଟାଉନ ଥାନାରେ ଜଣାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏହି ଲୁଟ ଘଟଣା ପୂର୍ବରୁ ଟାଉନ ଥାନା ନିକଟରେ ଜନାକିର୍ଣ୍ଣ ଅଂଚଳରେ ରହିଥିବା ଷ୍ଟେଟ ବ୍ୟାଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିଲେ ମଧ୍ୟ ଅଦ୍ୟାବଧି ସେହି ଲୁଟର ସୁରାକ ପୋଲିସ ପାଇ ପାରିନାହିଁ । ସହର ମଧ୍ୟରେ ଦିନକୁ ଦିନ ଲୁଟ ତରାଜ, ଅସମାଜିକଙ୍କ ଦୌରାତ୍ମ୍ୟ ସଙ୍ଗକୁ ଗୃହ, ମନ୍ଦିର ଦୋକାନ ଚୋରୀ ଆଦି ବୃଦ୍ଧି ପାଇବାରେ ଲାଗିଥିଲେ ମଧ୍ୟ ସେ ସବୁରେ ଅଙ୍କୁଶ ଲଗାଇବାକୁ କିମ୍ବା ଲୁଟେରାଙ୍କୁ ଧରିବା କିମ୍ବା ଲୁଟ ମାଲ ଉଦ୍ଧାର କରିବାରେ ପୋଲିସ ସଂପୂର୍ଣ୍ଣ ବିଫଳ ହେବାରେ ଲାଗିଛି । ସେଥିପାଇଁ ପୋଲିସ ଉପରେ ଲୋକଙ୍କର ଭରସା କମିବାରେ ଲାଗିଛି । ଅନେକ କ୍ଷେତ୍ରରେ ପୋଲିସରେ ଖବର ଦେବାକୁ ଲୋକମାନେ ଇଚ୍ଛା ପ୍ରକାଶ କରୁ ନଥିବା ଖୋଲାଖୋଲି ପ୍ରକାଶ କରୁଛନ୍ତି । ଏପରି କି ଘର ଚୋରୀ ସଂପର୍କରେ ଏତଲା ଦେବାକୁ ଆସୁଥିବା ବ୍ୟକ୍ତି ଏହି ଘଟଣାରେ ତାଙ୍କର ସନ୍ଦେହରେ ଥିବା ଯେଉଁ ବ୍ୟକ୍ତି ଙ୍କ ସଂପର୍କରେ ସୂଚନା ଦେଉଛନ୍ତି ସେହି ବ୍ୟକ୍ତିଙ୍କୁ ଡକାଇ ପୋଲିସ ଏତଲାକାରୀଙ୍କ ବିରୁଦ୍ଧରେ ପାଲଟା ଏତଲା ଗ୍ରହଣ କରି ଏତଲାକାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ମଧ୍ୟ ଏସ୍.ପି. ନିକଟରେ ହେବାପରେ ମଧ୍ୟ ଫଳଶୂନ୍ୟ ରହିଥିବା ଅଭିଯୋଗ ହୋଇଛି ଯାହାର ସତ୍ୟତା ତଦନ୍ତ ସାପେକ୍ଷ ଅଟେ ।

## ଅଦିନିଆ ବର୍ଷା ପାଇଁ ମହାରାଷ୍ଟ୍ରକୁ କେନ୍ଦ୍ର ଦେଲା ୫୩୮୦ କୋଟି ଟଙ୍କା କ୍ଷତିପୂରଣ, ବୁଲ୍‌ବୁଲ୍ ବାତ୍ୟା ପାଇଁ ଓଡ଼ିଶା ଚାଷୀଙ୍କୁ କ୍ଷତିପୂରଣ କେବେ ? ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୫।୧୧(ପି.ଏନ): କେନ୍ଦ୍ର ସରକାର ଆଜି ମହାରାଷ୍ଟ୍ର ଚାଷୀମାନଙ୍କ ପାଇଁ ଅଦିନିଆ ବର୍ଷାରେ ଫସଲ ହାନି ବାବଦକୁ କ୍ଷତିପୂରଣ ହିସାବରେ ୫୩୮୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ଗତ ୮-୯ ଦୁଇଦିନ ଧରି ଓଡ଼ିଶାରେ ବୁଲ୍‌ବୁଲ୍ ବାତ୍ୟା ଯୋଗୁଁ ପାଖାପାଖି ୩ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ଏବଂ ୬ଟି ଜିଲ୍ଲାରେ ୫୫୦୦ ଘର ଭାଙ୍ଗିଥିବା ଓ ଅନେକ ଯାଗାରେ ବିଜୁଳି ଖୁଣ୍ଟ ଉପୁଡିପଡ଼ିଥିବା ଯୋଗୁଁ ୧୬ଲକ୍ଷ ବିଜୁଳି ଉପଭୋକ୍ତା ମଧ୍ୟ ପ୍ରଭାବିତ ହୋଇଥିଲେ । କେନ୍ଦ୍ରୀୟ ଟିମ୍ ଗତ ୧୪-୧୫ ଦୁଇଦିନ ଧରି ବାତ୍ୟା କ୍ଷତିଗ୍ରସ୍ତ ଓଡ଼ିଶା ଗସ୍ତ କରି କ୍ଷୟକ୍ଷତିର ଆକଳନ କରି ଫେରିଯିବାର ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କେନ୍ଦ୍ରୀୟ ସାହାଯ୍ୟ ଓଡ଼ିଶାକୁ ପ୍ରଦାନ କରାଯାଇନାହିଁ । ଗତ ୧୮ ତାରିଖରେ ସଂସଦ ଅଧିବେଶନ ଆରମ୍ଭ ହୋଇଥିଲା ବେଳେ ଓଡ଼ିଶାର ମାନ୍ୟବର ସାଂସଦମାନେ ଦଳମତ ନିର୍ବିଶେଷରେ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି ବୁଲ୍‌ବୁଲ୍ ବାତ୍ୟା କ୍ଷୟକ୍ଷତି ପାଇଁ ତୁରନ୍ତ କେନ୍ଦ୍ରୀୟ ସହାୟତା ପ୍ରଦାନ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରାଜ୍ୟର ମାନ୍ୟବର ସାଂସଦମାନଙ୍କୁ ଏଥିପାଇଁ ନିବେଦନ କରିବା ସଙ୍ଗେ ସଙ୍ଗେ ରାଜ୍ୟର ଚାଷୀମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମାନ୍ୟବର ସାଂସଦମାନେ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ଅନ୍ତତଃପକ୍ଷେ ମଧ୍ୟବର୍ତ୍ତିକାଳୀନ ସାହାଯ୍ୟ ହିସାବରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୧ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କ ପାଖରେ ଦାବି କରିବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି ।








## ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି



ମଧ୍ୟରେ ଭାରତ, ଟିଏ କି ମାତୁଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ



ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି



ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା



ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ, ଶ୍ରୀଅରବିନ୍ଦ ୟୁନିଟ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଏବଂ ଶ୍ରୀ ଅରବିନ୍ଦ ପାଠଚକ୍ର ସଙ୍ଗଠନ ତିନି କର୍ମଧାରାକୁ ନେଇ ଏକ ସାମଗ୍ରିକ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ପ୍ରୟାସ କରାଯାଇଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କ ପିତାମାତା ବା ଅଭିଭାବକ, ଶିକ୍ଷାକେନ୍ଦ୍ରର ସାଧିକା ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ସଙ୍ଗଠକମାନଙ୍କ ସକ୍ରିୟ ସହଯୋଗ ଦ୍ୱାରା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦିବ୍ୟ ହୋଇ ଉଠିବାର ସ୍ୱପ୍ନ ପୋଷଣ କରାଇବା ଯାହାକି ଶ୍ରୀମା ଶ୍ରୀଅରବିନ୍ଦଙ୍କର ସମଗ୍ର କାର୍ଯ୍ୟର କେନ୍ଦ୍ରୀୟ ଲକ୍ଷ୍ୟ। ଛାତ୍ରଛାତ୍ରୀଙ୍କର ଚତୁର୍ବିଧ ବିକାଶ ସମ୍ବନ୍ଧରେ ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ ବାହିନୀ, ଶ୍ରୀଅରବିନ୍ଦ ପାଠଚକ୍ର ଓ ମହିଳା ପାଠଚକ୍ର ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା/ଭାଇମାନଙ୍କୁ ଅବଗତ କରାଇବା। ଛାତ୍ରଛାତ୍ରୀଙ୍କର ଶାରୀରିକ ପରିବର୍ତ୍ତନ ଓ ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା, ସେମାନଙ୍କର ପ୍ରଜନନତନ୍ତ୍ରର ପରିବର୍ତ୍ତନ ଓ ତାର ସ୍ୱାସ୍ଥ୍ୟଗତ ସମସ୍ୟା, ଭାବାବେଗର ପରିବର୍ତ୍ତନ ଓ ତାର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ମୌଳିକ ତଥ୍ୟ, ସର୍ବୋପରି ସେମାନଙ୍କର ଚତୁର୍ଥ ଦିଗ ବା ଆଧ୍ୟାତ୍ମିକ ଦିଗର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ କ'ଣ କରାଯାଇପାରିବ ଉକ୍ତ କାର୍ଯ୍ୟକ୍ରମରେ ଅବଗତ କରାଯାଏ। ସାମଗ୍ରିକ ସ୍ୱାସ୍ଥ୍ୟ ପରୀକ୍ଷା ଦିନ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଅଭିଭାବକଙ୍କୁ ସ୍ୱାଗତ କରିବା ସମୟରେ ତାଙ୍କୁ ନୂତନ ଜାତି ସୃଷ୍ଟିକରିବାର ନୀରବ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଜଣାଇବେ। ଏହାପରେ ତାଲିମ ପ୍ରାପ୍ତ ପାଠଚକ୍ର ସଙ୍ଗଠକ ଚାରୋଟି ବିଷୟରେ ଆଲୋଚନା କରିବେ। ଆଲୋଚ୍ୟ ବିଷୟକୁ ପିତାମାତା କିପରି କାର୍ଯ୍ୟରେ ପରିଣତ କରିବେ ସେ ସମ୍ପର୍କରେ ମଧ ପରାମର୍ଶ ଦେବେ। ପ୍ରତ୍ୟେକ ପିତାମାତା ନିଜ ନିଜର ପରିବାରରେ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଘଣ୍ଟାଏ ବସି ଆଦର୍ଶ ପିତାମାତା, ଆଦର୍ଶ ଶିଶୁ ଓ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିବେ। ଯଦ୍ୱାରା ସମଗ୍ର ପରିବାର ଏକ ଉଚ୍ଚତର ଚେତନାରେ ବାସ କରି ଭବିଷ୍ୟତରେ ନୂତନ ଜାତି ସ୍ଥାପନା ଦିଗରେ ସହାୟକ ହେବେ। ଶ୍ରେଣୀ ଶିକ୍ଷକ ଅପାଭାଇ ସ୍ୱାସ୍ଥ୍ୟ କାର୍ଡ଼ ପୂରଣ କରିବେ। ପିଲାମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ସେମାନେ ପିତାମାତାଙ୍କୁ ଅବଗତ କରାଇବେ। ଆବଶ୍ୟକ ମୁତାବକ ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ ପାଇଁ ମଧ ସୂଚନା ଦେବେ। ସମସ୍ତ ପିତାମାତାଙ୍କର ନାମ ଓ ଠିକଣା ସହିତ ମୋବାଇଲ ନମ୍ବର ତାଲିକା କରିବାକୁ ହେବ। ଗୋଟିଏ ତାଲିକା ପାଠଚକ୍ର ସଙ୍ଗଠକଙ୍କ ପାଖରେ ରହିବ ଯାହାଫଳରେ ସେମାନେ ନଗଠିତ ପାଠଚକ୍ରକୁ ସକ୍ରିୟ ରଖିବା ସକାଶେ ଚେଷ୍ଟା କରିବେ। ତିନୋଟି କର୍ମଧାରାର ଏହି ଶୁଷ୍କ ସ୍ୱାସ୍ଥ୍ୟକାର୍ଡ଼ ପୂରଣ କାର୍ଯ୍ୟଟି ମାତୃକାର୍ଯ୍ୟର ଏକ ଅତି ଆନନ୍ଦଦାୟକ ସାଧନାରେ ପରିଣତ ହୋଇଯିବ ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ପାଠ କରୁଥିବା ପିଲାମାନେ ଏହି ଉଜ୍ଜ୍ୱଳ ଭବିଷ୍ୟତର ଦିବ୍ୟ ବ୍ୟକ୍ତିତ୍ୱ ହୋଇ ଉଠିବେ ଏବଂ ତାଙ୍କ ପରିବାର ଓ କୋଟି କୋଟି ଲୋକଙ୍କୁ ଉଦ୍ଧାର କରିପାରିବେ। କିଶୋର କିଶୋରୀମାନଙ୍କର ଶାରୀରିକ ପରିବର୍ତ୍ତନ ଯୁବାବସ୍ଥାର ପୂର୍ବାବସ୍ଥା ଉଚ୍ଚତା ବୃଦ୍ଧି ହୁଏ, ମାଂସପେଶୀର ବୃଦ୍ଧି ଓ ଚର୍ମ ତେଲିଆ ହୁଏ, କାନ୍ଧ ଚଉଡା ହୋଇଯାଏ। ସ୍ୱର ଭାଙ୍ଗିଯାଏ ବା ଫାଟିଯାଏ କାଖତଳ, ଛାତି, ତଳିପେଟରେ ଅଧୋଭାଗରେ ଯୌନାଙ୍ଗର ଉପରସ୍ଥ ଯୁବଲୋମ ଉଠେ। ମୁହଁରେ ଲୋମ ଉଠେ ଲିଙ୍ଗ ବୃଦ୍ଧି ହୁଏ, ଅଣ୍ଡକୋଷ ବୃଦ୍ଧି ହୁଏ। କିଶୋରୀ ଅବସ୍ଥାରେ ଉଚ୍ଚତା ବୃଦ୍ଧି ହୁଏ, ସ୍ତନ ବୃଦ୍ଧି ହୁଏ, ଚର୍ମ ତେଲିଆ ହୋଇଉଠେ, ଅଣ୍ଟା ଚୌଡ଼ା ହୋଇଯାଏ, କାଖତଳ, ତଳିପେଟର ଅଧାଭାଗ ଯୌନାଙ୍ଗର ଉପରସ୍ଥ ଲୋମ ଉଠେ, ବାହାର ଜନନେନ୍ଦ୍ରୀୟ 'ଉପସ୍ଥ' ବୃଦ୍ଧି ହୁଏ। ଜରାୟୁ ଗର୍ଭାଶୟ ଏବଂ ଡିମ୍ବକୋଷ ବା ଡିମ୍ବାଶୟର ବୃଦ୍ଧିହୁଏ। ସାଧାରଣ ବଡ଼ ହେବା ଯୋଗୁଁ-ଅତ୍ୟଧିକ ଉଦବେଗ, ଭାରାକ୍ରାନ୍ତ। **ଉଚ୍ଚତା ଓ ଓଜନ ବୃଦ୍ଧିଯୋଗୁଁ -** ଅଧିକ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଏବଂ ଅଭାବ ହେଲେ ଖାଦ୍ୟ ଅଭାବ ଜନିତ ଦୁର୍ବଳତା, **ରକ୍ତହୀନତା। ସ୍ତନବୃଦ୍ଧି ଯୋଗୁଁ-** କାନ୍ଧକୁ ସାମନାକୁ ନୁଆଇ କରି ରଖିବା, ଶାରୀରିକ ଭଙ୍ଗିରେ ବିକୃତି, ପିଠି ଦରଜ ହେବା। ମାସିକ ଋତୁ - ପେଟରେ ଯନ୍ତ୍ରଣା, ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ରକ୍ତହୀନତା, ମାସିକ ଋତୁବେଳେ ଅପରିଷ୍କାର ଆଚରଣ ଯୋଗୁଁ ପ୍ରଜନନ ବିଭାଗରେ ଜୀବାଣୁ ସଂକ୍ରମଣ। ଅସୁରକ୍ଷିତ ଗର୍ଭପାତ ଓ ତାର ପରିଣତି - ଅତ୍ୟଧିକ ଜୀବାଣୁ ସଂକ୍ରମଣ, ମୃତ୍ୟୁମୁଖରେ ବି ପଡ଼ିପାରନ୍ତି, ଜରାୟୁ କାଢ଼ିବାକୁ ମଧ ପଡ଼ିପାରେ। ପାଠପଢ଼ିବାରେ ବ୍ୟାଘାତ, ଜୀବନ ନଷ୍ଟ, ଗଭୀର ମନସ୍ତାପ, ଆତ୍ମହତ୍ୟା। କୌତୁହଳ ପୂର୍ଣ୍ଣ, ସବୁକିଛି ଜାଣିବାକୁ ଇଚ୍ଛା ପୋଷଣ କରିବା, ନିଜକୁ ପରଖିବା ଆଗ୍ରହ ଦେଖାନ୍ତି ବା ନିଜର ମୂଲ୍ୟାୟନ କରନ୍ତି। ପରିବାରର ନିୟନ୍ତ୍ରଣକୁ ବିରୋଧ କରନ୍ତି। **କୈଶୋରରେ ଅଧ୍ୟାତ୍ମ ବିକାଶ :** ଆର୍ଯ୍ୟ ସଭ୍ୟତାରେ ଏକ ସନ୍ତୁଳିତ ଏବଂ ପ୍ରାୟ ପରିପୂର୍ଣ୍ଣ ସମାଜ କାର୍ଯ୍ୟକାରୀ ହେଉଥିଲା ଯାହାକୁ ଶ୍ରୀ ଅରବିନ୍ଦଙ୍କ ଭାଷାରେ ଅଦ୍ୱିତୀୟ ବା ସେକେଣ୍ଡ ଟୁ ନୋନ ଥିଲା। ଶିଶୁ ଅବସ୍ଥା କଟୁଥିଲା ଏକ ଉଚ୍ଚ ସଂସ୍କୃତି ସମ୍ପନ୍ନ ଜ୍ଞାନଦୀପ୍ତ ପିତାମାତାଙ୍କ ବାତାବରଣରେ। ଏହି ଅବସ୍ଥାକୁ କୁହାଯାଉଥିଲା ବାଲାଶ୍ରମ ଯେଉଁ ସମୟରେ ଏହି ଉଚ୍ଚ ସଂସ୍କୃତି ସମ୍ପନ୍ନ ବାତାବରଣରେ ଶିଶୁଟିର ପୂର୍ଣ୍ଣ ବିକାଶର ଶକ୍ତିଶାଳୀ ମୂଳଦୁଆ ପଡୁଥିଲା।



ତାପରେ ଆସୁଥିଲା କୈଶୋର ଯାହାକୁ କୁହାଯାଉଥିଲା ବ୍ରହ୍ମଚର୍ଯ୍ୟାଶ୍ରମ। ଶ୍ରୀଅରବିନ୍ଦଙ୍କ କଥା ଅନୁସାରେ ଆମେ ଜାଣି ରଖିବା ଉଚିତ ଆର୍ଯ୍ୟସଭ୍ୟତା କେଉଁ ମୌଳିକ ସତ୍ୟ ଉପରେ ଆଧାରିତ ଥିଲା ଏବଂ ଏହାର ଟିକିନିଖି ବ୍ୟବସ୍ଥା କ'ଣ ଥିଲା। ଆମେ ଦେଖୁ ଯେ ଏହି ବ୍ୟବସ୍ଥାର ସାଫଲ୍ୟର ରହସ୍ୟ ଥିଲା ମାନବିକ ମନସ୍ତତ୍ୱ ବିଷୟରେ ଗଭୀର ଜ୍ଞାନ ଉପରେ। ଏହାର ବୌଧିକ ତାଲିମ ଏବଂ ଶିକ୍ଷା ଧାରା ଉପରେ ସୂକ୍ଷ୍ମ ପ୍ରଭାବ ଥିଲା। ଯୁବକ ବା କୈଶୋର ଅବସ୍ଥାରେ ବିକାଶର ମୁଖ୍ୟ ଚାରୋଟି ମୌଳିକ ବିଷୟରେ ଧ୍ୟାନ ଦିଆଯାଉଥିଲା। **ବ୍ରହ୍ମଚର୍ଯ୍ୟ:** ଏହା ଏକ ଅନନ୍ୟ ଉପାୟ ଥିଲା ସାଧାରଣ ସ୍ଥୂଳ ଅବସ୍ଥାରୁ ବ୍ରହ୍ମଙ୍କ ସର୍ବୋଚ୍ଚ ସାମର୍ଥ୍ୟ ପ୍ରାପ୍ତ ହେବା, ଯେଉଁ ସର୍ବୋଚ୍ଚ ସାମର୍ଥ୍ୟ ଓ ଶକ୍ତି ଯିଏ ସ୍ୱୟଂ ଏହି ପୃଥିବୀକୁ ସୃଷ୍ଟି କରିଛନ୍ତି। ଆର୍ଯ୍ୟ ସଭ୍ୟତା ବୈଜ୍ଞାନିକ ଉପାୟରେ ପ୍ରମାଣିତ କରିଛି ଯେ ଏଇ ସ୍ଥୁଳ ପ୍ରକାଶ୍ୟ ବ୍ୟକ୍ତିତ୍ୱ ଯାହାକୁ ପ୍ରତିଷ୍ଠା କୁହାଯାଏ ତାର ଉର୍ଦ୍ଧ୍ୱରୋହଣ ହୋଇପାରେ ଏକ ବିଶେଷ ଅଭ୍ୟାସ ଦ୍ୱାରା ତାର ମୂଳ କାରଣକୁ ଉତ୍ତୀର୍ଣ୍ଣ ହୋଇପାରେ। ଶ୍ରୀଅରବିନ୍ଦ କୁହନ୍ତି ଅଧିବୈଜ୍ଞାନିକ ଅର୍ଥ ଅନୁସାରେ ଏଇ ପଦ୍ଧତି ହେଉଛି ବ୍ରହ୍ମଚର୍ଯ୍ୟ ଯାହାକି ସ୍ଥୁଳ ଅବସ୍ଥାକୁ ଅଧ୍ୟାତ୍ମ ସ୍ତରକୁ ନେଇଯାଏ। ଏଇ ପଦ୍ଧତି ହେଉଛି ଶକ୍ତିର ସଂରକ୍ଷଣ ଦ୍ୱାରା। ଜୀବନର ଏକକର ନାମ ହେଉଛି ରେତସ୍ ବା ଜଳ। ଏଇ ରେତସ୍ ବା ଜଳର ସଂରକ୍ଷଣ ଦ୍ୱାରା ବ୍ୟକ୍ତିର ଶକ୍ତିର ଅବସ୍ଥା ତାପସରେ ପରିଣତ ହୁଏ। ଶକ୍ତିକୁ ଆହୁରି ସଂରକ୍ଷଣ କଲେ ତେଜସ୍‌ର ଅବସ୍ଥାକୁ ପ୍ରାପ୍ତ ହୁଏ। ରାଜସକୁ ଆୟତ୍ତ କରିବାକୁ ହେବ ଏକ ଦୃଢ଼ ନୈତିକ ଶୃଙ୍ଖଳା ଦ୍ୱାରା ଯାହା ଆଣିଦିଏ ସ୍ଥିରତା, ସ୍ୱଚ୍ଛତା, ଏବଂ ଗ୍ରହଣଶୀଳ ମନ। ତାମସକୁ କାଢ଼ିବାକୁ ବା ଫିଙ୍ଗିଦେବାକୁ ପଡ଼ିବ ଏକ ନୈତିକ ପଦ୍ଧତି ଦ୍ୱାରା ଯାହାକି ତେଜସ୍ ଏବଂ ବିଦ୍ୟୁତ୍‌କୁ ନିଜ ମଧ୍ୟରେ ଉଦ୍ରେକ କରିବ ଏକ ମାନସିକ ଶକ୍ତି ଓ ସ୍ୱଚ୍ଛତା ଦ୍ୱାରା। ବିଦ୍ୟାଧ୍ୟୟନରେ ତିନୋଟି ଉପାୟ ଅଭ୍ୟାସ କରିବା ଯଥା - ଆବୃତ୍ତି, ଧ୍ୟାନ ଏବଂ ଆଲୋଚନା : ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି ଆଉ ତିନୋଟି ଉପାୟ ଯାହାକି ଆର୍ଯ୍ୟ ସଭ୍ୟତାରେ ପ୍ରଚେଷ୍ଟା କରାଯାଇଥିଲା ଏଇ ଆନ୍ତର ଆଲୋକକୁ ଉଦ୍ରେକ କରିବା ସକାଶେ। ତାହାଥିଲା **ଆବୃତ୍ତି:** ବାରମ୍ବାର ପଢ଼ି ମନେରଖିବାକୁ ଚେଷ୍ଟା କରିବା ଏକ ଯାନ୍ତ୍ରିକ ଭାବରେ ଘୋଷିବା ନୁହେଁ କିନ୍ତୁ ସ୍ମରଣ ଦ୍ୱାରା ପ୍ରତ୍ୟେକ ଥର ଏକ ନୂତନ ଅର୍ଥର ଉଦ୍ରେକ କରାଇବା ଦ୍ୱାରା। **ଧ୍ୟାନ :** ଅପେକ୍ଷା କରିବ, ସେଇ ଶବ୍ଦ ବା ବସ୍ତୁ ଧାରଣା ନିରୀକ୍ଷଣ କରୁଥିବା ମନର ଏକ ସ୍ୱଚ୍ଛ ଅଚଞ୍ଚଳ ଗ୍ରହଣଶୀଳତା ଦ୍ୱାରା। **ଆଲୋଚନା :** ଅନ୍ୟମାନଙ୍କ ସହିତ ନିଜେ ବୁଝିଥିବା ଭାବଏବଂ ଅର୍ଥର ବିନିମୟ କରିବା ଯେଉଁମାନେ ମଧ ସେଇ ବିଷୟବସ୍ତୁ ଉପରେ ନିରୀକ୍ଷଣ କରିଥିବେ ଏବଂ ବୁଝିଥିବେ। **ଏକାଗ୍ରତା :** କିଶୋର କିଶୋରୀମାନଙ୍କୁ ଏକ ଜବକାଚର ଉଦାହରଣ ଦିଆଯାଇପାରେ। ସୂର୍ଯ୍ୟକିରଣ ଯେପରି ଜବକାଚ ମଧ୍ୟ ଦେଇ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ପଡ଼ିଲେ ଗୋଟିଏ କାଗଜକୁ ଜାଳିଦିଏ ସେହିପରି ବିକ୍ଷିପ୍ତ ହୋଇ ବିଭିନ୍ନ ଦିଗକୁ ବିଚ୍ଛୁରିତ ହୋଇଥିବା ଚିନ୍ତା, ଭାବାବେଗ, ଚେତନାକୁ ଗୋଟିଏ ବିଷୟ ଉପରେ ଏକାଗ୍ର କରିଲେ ଏହା ସର୍ବୋଚ୍ଚ ସାମର୍ଥ୍ୟର ଉପାୟ ହୋଇଉଠେ। ଶ୍ରୀ ମାଙ୍କ ବାଣୀ ସ୍ମରଣ କରାଇ ଦିଆଯାଇପାରେ ଯେ କୌଣସି ବ୍ୟକ୍ତି ଅସାଧାରଣ ଧୀଶକ୍ତି ସମର୍ଥ ହୋଇପାରେ-ତା'ର ରହସ୍ୟ ହେଉଛି ଏକାଗ୍ରତା। ଅତଏବ ଯାହା ଆବଶ୍ୟକ ତାହା ବୈଦିକ ବା ଆର୍ଯ୍ୟ ସଭ୍ୟତାର ଟିକିନିଖି ବାହ୍ୟ ବ୍ୟବସ୍ଥାକୁ ଫେରିଯିବା ନୁହେଁ। କାରଣ ବର୍ତ୍ତମାନ ସମାଜରେ ଏହା ଏକ ଅବାସ୍ତବ ବ୍ୟବସ୍ଥା ଅଟେ। ଆମକୁ ଏଇ ତତ୍ତ୍ୱର କେନ୍ଦ୍ରୀୟ ବା ମୌଳିକ ବୈଶିଷ୍ଟ୍ୟକୁ ଏକ ନୂତନ ପ୍ରାସଙ୍ଗିକ ଗ୍ରହଣୀୟ ରୂପ ଦେବାକୁ ପଡ଼ିବ ବର୍ତ୍ତମାନର ସାମାଜିକ ପ୍ରଚଳନ ଭିତରେ। ଏହାଦ୍ୱାରା ହିଁ ଭବିଷ୍ୟତର ସଭ୍ୟତା ଉଚ୍ଚକୋଟୀର ହୋଇପାରେ ଏବଂ ସମାଜର ବ୍ୟବସ୍ଥାପକ ମାନେ ଯେଉଁ ଫଳପ୍ରଦ ଜନମାନସର ପରିକଳ୍ପନା କରୁଛନ୍ତି ତାହା ଯଥାର୍ଥରେ ହିଁ ରୂପ ନେବ। କେଉଁ ଉପାୟରେ କରିବ ତାହା ଚିନ୍ତାର ବିଷୟ। ପୃଥିବୀ କିନ୍ତୁ ଏଇ ଉନ୍ମୋଚନ ପାଇଁ ଅପେକ୍ଷା କରି ରହିଛି।

**ପ୍ରଫେସର ଡାକ୍ତର ଶ୍ୟାମା କାନୁନ୍‌ଗୋ,**
**ଅବସରପ୍ରାପ୍ତ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

# ଓଡ଼ିଶାରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ

ସୁଦୀର୍ଘ ବେଳାଭୂମି ଓ ସାମୁଦ୍ରିକ ତଟ ଅଞ୍ଚଳକୁ ନେଇ ସମଗ୍ର ବିଶ୍ୱରେ ଗୌରବର ବାନା ଉଡାଉଥିବା ଓଡ଼ିଶା ପାଇଁ ଏହି ପ୍ରାକୃତିକ ସମ୍ପଦ ଏବେ କାଳ ହେବାକୁ ଯାଉଛି। ଓଡ଼ିଶାର ଦୀର୍ଘ ବେଳାଭୂମି ସହ ଘଞ୍ଚ ଜଙ୍ଗଲ ବାତ୍ୟା ଓ ସୁନାମୀକୁ ମୁକାବିଲା କରୁଥିବାବେଳେ କିନ୍ତୁ ପରବର୍ତ୍ତୀ ସମୟରେ ଏହି ବେଳାଭୂମିର ଅଧିକାଂଶ ଜଙ୍ଗଲ ମାଫିଆଙ୍କ ହାତରେ ପଡ଼ି ଚାଷ ଜମିରେ ପରିଣତ ହେଲା। ସେହିପରି ବାଲେଶ୍ୱରରୁ କେନ୍ଦ୍ରାପଡ଼ାର ରାଜନଗର ଓ ପାରାଦ୍ୱୀପକୁ ଛୁଇଁଥିବା ସମୁଦ୍ରତଟ ଏବେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ଚରାଭୂମି ପାଲଟିଛି। ବାଙ୍ଗଲାଦେଶରେ ବେରୋଜଗାରୀ ଓ ଥଇଥାନ ମୁଖ୍ୟ ପ୍ରସଙ୍ଗ ହୋଇଥିବାରୁ ଓଡ଼ିଶାର ଖୋଲାମେଲା ସମୁଦ୍ରତଟ ଏହି ଅନୁପ୍ରବେଶକାରୀଙ୍କ ଜୀବନ ଜୀବିକାର କେନ୍ଦ୍ର ପାଲଟିଛି। ବିଭାଜନ ପୂର୍ବରୁ ପୂର୍ବବଙ୍ଗ ତଥା ପଶ୍ଚିମବଙ୍ଗ ଭିତରେ ସୀମାବର୍ତ୍ତୀ କୌଣସି ନିୟନ୍ତ୍ରଣ ବା କଟକଣା ନଥିବାରୁ କିଛି ଦିନ ଏହା ରୟାଲ ବେଙ୍ଗଲ ଟାଇଗରର କ୍ଷେତ୍ରସ୍ଥଳୀ ପାଲଟିଥିଲା। ମାଛଧରା ଜୀବିକା କେବଳ ବାଙ୍ଗଲାଦେଶୀ ନୁହେଁ ତଟବର୍ତ୍ତୀ ଓଡ଼ିଆଙ୍କ ଜୀବନ ଜୀବିକା ଥିଲା। ତେବେ ଏହି ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ଯେ ବିନା ସରକାରୀ ଓ ସ୍ଥାନୀୟ ପ୍ରୋତ୍ସାହନରେ ସେମାନଙ୍କ ପ୍ରଭାବ ବିସ୍ତାର କରିଛନ୍ତି ତାହାନୁହେଁ। ସେମାନେ ନିଜର ଜୀବିକା ସହ ଜଡ଼ିତ ଥିବା ଓଡ଼ିଶା ମତ୍ସ୍ୟଜୀବୀ ମାନଙ୍କ ସହ ସୁସମ୍ପର୍କ, ସ୍ଥଳବିଶେଷରେ ପାରିବାରିକ ସମ୍ପର୍କ ରଖି ସ୍ଥାନୀୟ ଗାଁ ମୁଖିଆ, ବନକର୍ମଚାରୀ, ତଟବନରକ୍ଷୀ ଓ ପୁଲିସକୁ ସନ୍ତୁଷ୍ଟ କରି ନିଜ ଯୋଜନାକୁ ସଫଳ କରିବାକୁ ସକ୍ଷମ ହୋଇଛନ୍ତି। କେବଳ ମାଛଧରି ନୁହେଁ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲୀ ପଶୁ ହରିଣ, ବରାହ ମାରି ମାଂସ ଓ ଚମଡ଼ାର ଚୋରା ବ୍ୟାପର କରୁଛନ୍ତି। ଓଡ଼ିଶାର ତଟଦେଶରେ ଥିବା ଓଡ଼ିଆମାନେ ୧୯୬୭, ୧୯୭୨ ଓ ପରେ ୧୯୯୯ର ମହାବାତ୍ୟାକୁ ସାମ୍ନା କରିଛନ୍ତି। ଇତିହାସର ପୃଷ୍ଠା ଦେଖିଲେ ଜଣାଯାଏ ପୂର୍ବବଙ୍ଗରେ ମୁସିଲିମ୍ ଲିଗ୍ ଶକ୍ତିଶାଳୀ ଥିବାବେଳେ ସେ ସମୟରେ ଲକ୍ଷ ଲକ୍ଷ ହିନ୍ଦୁମାନଙ୍କ ଉପରେ ଦମନଲୀଳା କରିବାକୁ ସେମାନଙ୍କ ନେତା ସୁରାବର୍ଦ୍ଦି ପ୍ରବର୍ତ୍ତାଇଥିଲେ। ସେଠାରେ ଅସଂଖ୍ୟ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ସମ୍ପତିବାଡ଼ିକୁ ଧୂଳିସାତ୍ କରି ମହିଳା ଓ ଯୁବତୀମାନଙ୍କୁ ବଳାତ୍କାର କରାଗଲା ଯାହାଦ୍ୱାରା ଲକ୍ଷ ଲକ୍ଷ ହିନ୍ଦୁ ସମୁଦ୍ର ପଥ ଦେଇ ଭାରତକୁ ପଳାୟନ କରିଥିଲେ। ଯେଉଁମାନେ କି ହିନ୍ଦୁ ହୋଇ ମଧ ଶରଣାର୍ଥୀର ସ୍ଥାନ ପାଇଲେ। ତେବେ ୧୯୭୧ ବଙ୍ଗଳାଦେଶର ଜାତୀୟ ମୁକ୍ତି ସଂଗ୍ରାମ ବେଳେ ପାକିସ୍ତାନର ସୈନ୍ୟମାନଙ୍କ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ପରେ ପୁନର୍ବାର ଶରଣାର୍ଥୀଙ୍କ ସୁଅ ଛୁଟିଲା।

ବାଙ୍ଗଲାଦେଶୀ, ଆସାମ, ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଓ ବିହାରରେ ଶରଣାର୍ଥୀଙ୍କୁ ଯେଉଁ ବିପୁଳ ସ୍ରୋତ ସୃଷ୍ଟି ହେଲା ତାହା କେତେକାଂଶରେ ଧର୍ମଭିତ୍ତିକ ହୋଇ ଭିନ୍ନ ଏକ ଶ୍ରେଣୀ ସଂଗ୍ରାମର ଲଢ଼େଇ ସୃଷ୍ଟି କଲା। ନୂଆ ବଙ୍ଗଳା ଦେଶ ସୃଷ୍ଟି ହେବାପରେ ଦେଶର ସାମର୍ଥ୍ୟ ନଥିବାରୁ ଅନେକ ନାଗରିକ ବିଭିନ୍ନ ଦେଶକୁ ଛୋଟ ମୋଟର କାମଦାମ ପାଇଁ ଦେଶାନ୍ତର ହେଲେ। ଆଜି ବି ଖୁବ୍ ମଜୁରୀରେ ଭଲ କଳା ନିର୍ମାଣରେ ସିଦ୍ଧହସ୍ତ ବାଙ୍ଗଲାଦେଶୀ ରାଜମିସ୍ତ୍ରୀ, ବଢ଼େଇ, ରଙ୍ଗମିସ୍ତ୍ରୀ ଓ ଗାଡ଼ି କାରିଗରଙ୍କ ଚାହିଦା କେବଳ ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ରାଜ୍ୟରେ ରହିଛି। ତେବେ ବିପୁଳ ସଂଖ୍ୟକ ବାଙ୍ଗଲାଦେଶୀ ଓଡ଼ିଶା ସରକାରଙ୍କ କଡ଼ା ନଜର ତଳେ ସ୍ଥାନୀୟ ଲୋକଙ୍କ ଓ ପ୍ରଶାସନର ସହଯୋଗ ନେଇ ଦିନକୁ ଦିନ ଓଡ଼ିଶାରେ କାୟା ବିସ୍ତାର କରୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସାମାଜିକ ତତ୍ତ୍ୱ ଓ ବିଭିନ୍ନ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ରହି ବିଭିନ୍ନ ଚୋରା ଚାଲାଣ ବେଆଇନ କାର୍ଯ୍ୟକ୍ରମରେ ସାମିଲ ହେବା ବର୍ତ୍ତମାନର ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସ୍ଥାନୀୟ କୁଜିନେତା ଓ ପ୍ରଶାସନକୁ ହାତ କରି ଭୋଗରାଗ ଦେଇ ସ୍ଥାନୀୟ ଭୋଟର ଭାବେ ସାମିଲ ହୋଇ ସରକାରୀ ଦଳର ବଡ଼ ଭୋଟ ବ୍ୟାଙ୍କ ସାଜିଥିବାରୁ



ସରକାର ଓ ଦଳ ଅନେକ ସମୟରେ ନୀରବ ରହୁଛନ୍ତି। ଅନେକ ହୁଏତ ଜାଣିନଥିବେ ଆଜି ବି ଓଡ଼ିଶାରେ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଅନେକ ବାଙ୍ଗଲାଦେଶୀ ଯେଉଁପରି ଭାବରେ ଖୁବ୍ କମ୍ ସମୟ ଭିତରେ ଭୋଟର କାର୍ଡ଼, ରେସନ କାର୍ଡ଼, ଆଧାର କାର୍ଡ଼, ଜବ କାର୍ଡ଼ ପାଇବା ସହ ଇନ୍ଦିରା ଆବାସ, ମନୋରେଗା ଯୋଜନା ଓ ସରକାରଙ୍କ ସରକାରୀ ବ୍ୟବସ୍ଥିତ ଅଙ୍ଗନବାଡ଼ିର ସୁବିଧା ସୁଯୋଗ ପାଇବା ସହ ସେମାନଙ୍କ ମଧ୍ୟରୁ କିଛି ମଧ ଓଡ଼ିଶାରେ ସରକାରୀ କର୍ମସଂସ୍ଥାନରେ ଯୋଗ ଦେବା ପାଇଁ ସକ୍ଷମ ହୋଇଛନ୍ତି। ଓଡ଼ିଶା ସରକାର ନିଜ ଭୋଟବ୍ୟାଙ୍କକୁ ସୁଦୃଢ଼ କରୁଥିବାରୁ ଏମାନଙ୍କୁ ଆଖିବୁଜା ସମର୍ଥନ ଦେଉଥିବାବେଳେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ସରକାର ଦଳ ଅପେକ୍ଷା ଦେଶର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ବିଭିନ୍ନ ଦେଶର ଅନୁପ୍ରବେଶକାରୀଙ୍କ ଉପରେ କଡ଼ା ନଜର ରଖୁଛନ୍ତି। ଏମାନଙ୍କୁ ନେଇ ଭୋଟବ୍ୟାଙ୍କ ରାଜନୀତି କରୁଥିବା ବିରୋଧୀ ଦଳମାନେ ଏ କ୍ଷେତ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ନିନ୍ଦା କରିବା ଜାତୀୟତା ବିରୋଧି କହିଲେ ଅତ୍ୟୁକ୍ତି ହେବନାହିଁ। ସମଗ୍ର ବିଶ୍ୱରେ ଭାରତ ଦ୍ରୁତ ପ୍ରଗତି ଓ ଅଭିବୃଦ୍ଧିରେ ନିଜକୁ ଯଥେଷ୍ଟ ଅଗ୍ରଗତିରେ ପହଞ୍ଚାଇ ସାରିଥିବା ବେଳେ ଏହିପରି ଅନେକ ଅନୁପ୍ରବେଶକାରୀ ଆତଙ୍କବାଦୀ ସାଜି ଦେଶର ଧନଜୀବନ ସୁରକ୍ଷା ପାଇଁ ଭୟଙ୍କର ବିପଦ ସାଜିଛନ୍ତି। ଭାରତରେ ପ୍ରତିଦିନ ଏହି ମାନଙ୍କ କାରଣରୁ ରକ୍ତପାତ ହୋଇ ଆମର ଅତିପ୍ରିୟ ଦେଶ ସେବକ ଯୋଦ୍ଧା ବୀରବାହିନୀ ସୈନିକମାନେ ଓ ପୁଲିସ ଭାଇମାନେ ନିଜ ମୂଲ୍ୟବାନ ଜୀବନକୁ ଦେଶ ମାତୃକାର ସୁରକ୍ଷା ପାଇଁ ବଳୀଦାନ ଦେଉଛନ୍ତି। ଏହି ତଥାକଥିତ ବାଙ୍ଗଲାଦେଶୀ ମାନେ କେବଳ ଓଡ଼ିଶା ନୁହେଁ ଭାରତର ଶକ୍ତି, ସାମର୍ଥ୍ୟକୁ ଲୁଣ୍ଠନ କରିବା ସହ ଯାବତୀୟ ବେଆଇନ କାର୍ଯ୍ୟକ୍ରମ କରି ଭାରତୀୟ ସ୍ୱାଭିମାନୀ ନାଗରିକଙ୍କ ନିଜ ଅଧିକାର ଓ ହକ୍‌କୁ ସେମାନେ ଛଡ଼ାଇ ନେଉଛନ୍ତି। ଆସାମର ଘଟଣା ସହ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଆଜି ଲକ୍ଷ ଲକ୍ଷ ଭାରତୀୟମାନେ ଏହି ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କ ଅତ୍ୟାଚାରର ଶିକାର ହେଉଛନ୍ତି। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନେତୃତ୍ୱରେ ଜାତୀୟ ନାଗରିକ ପଞ୍ଜିକା କାର୍ଯ୍ୟକ୍ରମ ଆସାମରେ କରାଇବା ଦ୍ୱାରା ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ବେଆଇନ ବାଙ୍ଗଲାଦେଶୀ ଚିହ୍ନଟ ହୋଇପାରିଛନ୍ତି। କିନ୍ତୁ ସମଗ୍ର ଭାରତର ବିଭିନ୍ନ ରାଜ୍ୟରେ ଏମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଥିବା ସମୟରେ ଆଗାମୀ ଦିନରେ ଭାରତୀୟଙ୍କ ପାଇଁ ନିଶ୍ଚିନ୍ତ ଭାବରେ ବିପଦ ବଢ଼ିବାରେ ଲାଗିବ। ଏହି କ୍ରମରେ ଦେଖିଲେ ଶାନ୍ତିପ୍ରିୟ ଓ ଜଗନ୍ନାଥ ଦେଶ ଭାବେ ପରିଚିତ ଓଡ଼ିଶା ମଧ ଯେ ଅଶାନ୍ତ ନ ହେବ ତାହା କହିହେବନାହିଁ। ତେଣୁ ତୁରନ୍ତ ଏହି ବେଆଇନ ଅନୁପ୍ରବେଶକାରୀ ଓ ଅସାମାଜିକ ତତ୍ତ୍ୱମାନଙ୍କୁ ସପ୍ରମାଣେ ଧରି ସେମାନଙ୍କୁ ସେମାନଙ୍କ ନିଜ ଦେଶକୁ ପଠାଇବା ଅପରିହାର୍ଯ୍ୟ।

**ଡାକ୍ତର ନୀଳମାଧବ ପୃଷ୍ଟି, ଇଏନ୍‌ଟି ବିଭାଗ, ବୁର୍ଲା,**
**ଦୂରଭାଷ : ୯୪୩୯୪୮୨୫୨୬**

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର



ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତା'ର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଯଥା - (୧) ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମଦତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। (୨) ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ (ଧର୍ଷଣ, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ। **ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧାୟ:** ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। **ମୁଖ୍ୟ ଶାରୀରିକ ସମସ୍ୟା :** ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। **ମୁଖ୍ୟ ମାନସିକ ସମସ୍ୟା :** ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। **ଭାରତରେ ନିଶାଦ୍ରବ୍ୟର ବ୍ୟବହାର:** ଭାରତରେ ନିଶାଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏହା ସୂଚନାଯୋଗ୍ୟ ବର୍ତ୍ତମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ଡିଜିଟାଲ ଭାରତ : ହାତମୁଠାରେ ଦୁନିଆ



ଭୁବନେଶ୍ୱର (ପିଏନ୍): ସୂଚନା ପ୍ରଯୁକ୍ତିର ବୈପ୍ଳବିକ କ୍ରାନ୍ତିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହ ବିଶେଷକରି ଅତ୍ୟାଧୁନିକ ଜ୍ଞାନକୌଶଳର ବିଜ୍ଞାନକୁ ଜୀବନର ପ୍ରତିଟି ଲକ୍ଷ୍ୟରେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତାକୁ ଛୁଇଁବାର ବଡ଼ ଭୂମିକା ନେବାକୁ ଯାଉଛି ଡିଜିଟାଲ ଭାରତ ବ୍ୟବସ୍ଥା। ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାନସ ସନ୍ତାନ କୁହାଯାଉଥିବା ଏହି ସୂଚନା ପ୍ରଯୁକ୍ତିର ଏକ ସର୍ବବୃହତ୍ତ ପ୍ରକଳ୍ପ ଦ୍ୱାରା ଭାରତକୁ ବିକାଶର ତ୍ୱରାନ୍ୱିତ କ୍ଷେତ୍ରର ଗବେଷଣାସ୍ତରରେ ଆଉ ପାଦେ ଆଗକୁ ନେବା ପାଇଁ ପ୍ରୟାସ କରିଛନ୍ତି। ବ୍ରଡ଼ବ୍ୟାଣ୍ଡ ଦ୍ୱାରା ଦେଶର ସମସ୍ତ ତୃଣମୂଳ ସ୍ତର କୁହାଯାଉଥିବା ପଞ୍ଚାୟତର ସଂଯୁକ୍ତି କରଣ ହେଉ ବା ଇ-ଗଭର୍ଣ୍ଣାସ ପ୍ରସାର ତଥା ମୋବାଇଲ ଗଭର୍ଣ୍ଣାସ୍‌ର ଅତ୍ୟାଧୁନିକ ବିକାଶ ଦ୍ୱାରା ହାତ ମୁଠାରେ ସମସ୍ତଙ୍କ ପାଖରେ ସୂଚନା ପ୍ରଯୁକ୍ତିର ସର୍ବଶେଷ ଜ୍ଞାନ ପହଞ୍ଚିବା ହେଉଛି ଏହାର ମୂଳ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ବିକାଶରେ ସୂଚନା ପ୍ରଯୁକ୍ତିକୁ ସବୁଠାରୁ ବଡ଼ ଗୁରୁତ୍ୱ ଦେଉଛନ୍ତି। କାରଣ ଏହା କେବଳ ମହାକାଶ ବିଜ୍ଞାନର ଗବେଷଣା ଭିତରେ ନାହିଁ ବା ଚିକିତ୍ସା ବିଜ୍ଞାନର କଳା କୌଶଳ ଭିତରେ, କଲେଜ ପଢୁଆ ଟେକ୍ନୋଲୋଜି ଛାତ୍ରଛାତ୍ର କେବଳ ନୁହଁନ୍ତି ବିଦ୍ୟାଳୟ ଯାଉଥିବା ପିଲାମାନେ ହୁଅନ୍ତୁ ବା ଯୁବକ ବୟସରେ ଏହି ବିଦ୍ୟାକୁ ଆୟତ୍ତ ନକରିଥିବା ଆଜିର ପରିଣତ ବୟସର ବରିଷ୍ଠ ନାଗରିକ ବା ଚୁଲିଚଟୁ ଦାୟିତ୍ୱ ବୁଝିଥିବା ଗୃହିଣୀଟି ବା ମହିଳାମାନେ। ସମସ୍ତଙ୍କ ପାଖରେ ଏହି ଅତ୍ୟାଧୁନିକ ପ୍ରଯୁକ୍ତି ଜ୍ଞାନକୁ ପର୍ଯ୍ୟାପ୍ତ କରିବା ପାଇଁ ତାଙ୍କ ସୁଦୂରପ୍ରସାରୀ ଲକ୍ଷ୍ୟ ଆଗାମୀ ଦିନରେ ପ୍ରମାଣିତ ହେବ ଯେ ଏହା କେତେଦୂର କାର୍ଯ୍ୟକାରିତା ପ୍ରମାଣିତ ହୋଇପାରୁଛି କି ନାହିଁ। ତାହାତ ଭିନ୍ନ କଥା ପ୍ରଶ୍ନ ଉଠୁଛି ଭାରତ ପରି ପୃଥିବୀର ଏକ ସର୍ବବୃହତ୍ତ ଗଣତନ୍ତ୍ର ରାଷ୍ଟ୍ର ଆଜି ବିକାଶର ଶୀର୍ଷରେ ନିଜକୁ ପହଞ୍ଚାଇଛି। ବ୍ୟକ୍ତିଗତ ଅନୁଭୂତିରୁ କହିବି କର୍ଣ୍ଣ-ନାସା-ଗଳାର ଅଡ଼ିଓଲୋଜି ଜ୍ଞାନ ହେଉ ବା ସ୍ପିଚ୍ ଥେରାପିଷ୍ଟ ମୋ ଛାତ୍ର ଜୀବନରୁ ଏହି ଦୁଇଟି ଜ୍ଞାନବିଜ୍ଞାନର କୌତୁହଳକୁ ପରବର୍ତ୍ତୀ ଜୀବନରେ ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛି। ପୁରୁଣା ଦିନର କର୍ଣ୍ଣ-ନାସା-ଗଳା ରୋଗ କ୍ଷେତ୍ରର ନିଦାନ ବା ପରୀକ୍ଷା ହେଉ ବା ଅପରେସନ୍ ସେ ଦିନ ବା ସେ ସମୟ ଆଉ ବି ନାହିଁ। ଆମ ହାତରେ ଆଜି ଅତ୍ୟାଧୁନିକ ଯନ୍ତ୍ରପାତି ଓ ମୂଲ୍ୟବାନ ପ୍ରଯୁକ୍ତି କୌଶଳ ସହ ବୈଷୟିକ ତାଲିମ ପ୍ରାପ୍ତ ସହାୟକଙ୍କ ଦ୍ୱାରା ଏ କ୍ଷେତ୍ର ଆଜି ବହୁତ ଆଗରେ ପହଞ୍ଚି ପାରିଛି। କହିବାକୁ ଗଲେ ଜଣେ ସାରା ଜୀବନ ଆଉ ଶ୍ରବଣ ବଧିରତା ବା କାଲ ହୋଇ ରହିବାର ସମୟ ବା କ୍ଷେତ୍ର ବି ଆଉନାହିଁ। ହଁ, ଆମେ ଆଲୋଚନା କରୁଥିବା ଡିଜିଟାଲ ଭାରତର ପ୍ରସଙ୍ଗକୁ ଯିବା। ଏହି ଡିଜିଟାଲ ଭାରତର ବ୍ୟବସ୍ଥିତ କାର୍ଯ୍ୟକ୍ରମ ଯାହା ଏହାଦ୍ୱାରା ଭାରତ ବର୍ଷ ଅଧିକ ଯୋଡ଼ି ହୋଇଯିବ, କର୍ମସଂସ୍ଥାନ କ୍ଷେତ୍ରର ସୁଯୋଗ ତ୍ୱରାନ୍ୱିତ ହେବାସହ ବହୁଗୁଣିତ ହେବ ଏବଂ ବ୍ୟାପକ ଭାବରେ ପୁଞ୍ଜିନିବେଶ ବଢ଼ିବ। ଏହା ପୂର୍ବରୁ ଆମ ପ୍ରଧାନମନ୍ତ୍ରୀ ବିପୁଳ ଭାବରେ ବିଦେଶ ଗସ୍ତ କରି ବାହାର ରାଷ୍ଟ୍ରରୁ ପୁଞ୍ଜିନିବେଶ ପାଇଁ ସ୍ୱାଭାବିକ ଭାବେ କ୍ଷେତ୍ର ପ୍ରସ୍ତୁତ କରିସାରିଛନ୍ତି। ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଏହାଦ୍ୱାରା ଅଠରଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବା ସହ ପାଖାପାଖି ୪.୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଆମରି ସମୟରେ ବେକାରୀ ସମସ୍ୟା ସାମାଜିକ ଓ ଜାଗତିକ କ୍ଷେତ୍ରରେ ଏକ ଗୁରୁତର ପ୍ରଭାବ ସୃଷ୍ଟି କରୁଥିବା ବେଳେ ଏହି ପ୍ରକଳ୍ପର ମହତ୍ତ୍ୱ ସ୍ପଷ୍ଟ ଉପଲବ୍ଧି କରାଯାଇପାରେ। ଏହା ସୁନିଶ୍ଚିତ ଗୋଟିଏ ଦେଶର ସାମଗ୍ରୀକ ପ୍ରଗତି, ବିକାଶ ସହ ଜନଜୀବନର ନୂଆ ଚିନ୍ତନକୁ ଇଣ୍ଟରନେଟ ଭଳି ସକାରାତ୍ମକ ଭାବେ ଯେଉଁପରି ପ୍ରଭାବିତ କରିପାରେ ଏହା ଆଉ କାହାକୁ ଅଜଣା ନୁହେଁ। ଏକ ବିଶ୍ୱସ୍ତରୀୟ ଅଧ୍ୟୟନରୁ ଜଣାଯାଏ ଏହି ବିକାଶ ଦ୍ୱାରା ଘରୋଇ ଉତ୍ପାଦନ କ୍ଷମତା ଓ ନିଯୁକ୍ତି ସୁଯୋଗ ବ୍ୟାପକ ହେବାସହ ବ୍ୟକ୍ତିଗତ କ୍ଷେତ୍ରରେ ନିଜ ସୂଚନା ପ୍ରଯୁକ୍ତିକୁ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ଷେତ୍ରକୁ ନେଇ ନିଜକୁ ଆଗେଇ ନେବାର ବଡ଼ ଅବକାଶ ସୃଷ୍ଟି ହୋଇପାରେ। ଭାରତର ଅନେକ ରାଜ୍ୟ ଆଜି ତାର ବିହୀନ ବ୍ରଡବ୍ୟାଣ୍ଡରେ ବେଶ ଆଗୁଆ। ତେବେ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ପ୍ରକଳ୍ପର ସ୍ୱପ୍ନର ସଫଳତା ନିର୍ଭର କରେ ପ୍ରଶାସନିକ ଦକ୍ଷତା, ନିଃସ୍ୱାର୍ଥପର ସହଯୋଗୀତା। କିନ୍ତୁ ଏହା କେବଳ କାଗଜ କଲମରେ ଚଷୁକୁଟା ହୋଇଗଲେ ତାହା କେବଳ ଫାଇଲର ଧୂଳି ଖାଇବ ଯାହା। ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ବି ଗୁରୁତ୍ୱପୂର୍ଣ୍ଣ ଆଗ୍ରହର ଅବଦାନତା ରହିଛି। ତେବେ ପ୍ରାଥମିକ ସ୍ତରରେ ସର୍ବପ୍ରଥମେ ସହରାଞ୍ଚଳ କେବଳ ନୁହେଁ ଗ୍ରାମାଞ୍ଚଳ ହେଉ ବା ଜନଜାତି ରହୁଥିବା ଉପାନ୍ତ କ୍ଷେତ୍ର ସବୁଠାରେ ବ୍ରଡ଼ବ୍ୟାଣ୍ଡ ସେବା ଯୋଗାଇବାକୁ ସୁନିଶ୍ଚିତ କରିବାକୁ ପଡ଼ିବ। କିଛି ବର୍ଷ ତଳେ ରାଜନୈତିକ ପାରଦର୍ଶିତାର ଫାଇଦା ପାଇଁ ଦିଲ୍ଲୀ ସରକାର ସମଗ୍ର ମହାନଗରୀରେ ୱାଇଫାଇ୍ ସେବା ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ନିଜ କଥାକୁ ରଖିବାରେ ସମର୍ଥ ହୋଇପାରିନାହାଁନ୍ତି। ଆଜିକାର ସମୟରେ ଭାରତର କେତୋଟି ହାତଗଣତି ସହରରେ ଫୋରଜି ଇଣ୍ଟରନେଟ ସେବା ଚାଲିଛି। ତେଣୁ ଏ କ୍ଷେତ୍ରରେ ପ୍ରତିଟି ଭାରତୀୟଙ୍କୁ ଡିଜିଟାଲ ଭାରତ ପ୍ରକଳ୍ପର ଇଣ୍ଟରନେଟ୍ ଦ୍ୱାରା ଯୋଡ଼ିବା ଏତେ ସହଜ ନୁହେଁ। କଟକ ଲିଙ୍କରୋଡ଼ସ୍ଥିତ ଭାରତ ସଂଚାର ନିଗମ ଲିମିଟେଡ୍‌ର ଅତିରିକ୍ତ ମହାପ୍ରବନ୍ଧକ ତଥା ଟେଲିକମ୍ କ୍ଷେତ୍ରରେ ନିଜର ଗବେଷଣା ଜ୍ଞାନର ଉତ୍କର୍ଷତା ରଖିଥିବା ମହାଶୟ ବିଷ୍ଣୁରଞ୍ଜନ ପାଣିଗ୍ରାହୀଙ୍କ ତଥ୍ୟ ଅନୁଯାୟୀ ଭାରତର ସଂଚାର ନିଗମ ଲିମିଟେଡ ନିଃଶୁଳ୍କ ରୋମିଂ ସେବା ପରେ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଭାରତ ପ୍ରକଳ୍ପ ପାଇଁ ପ୍ରାଥମିକତା ଦେଇ ଏହା ଅନ୍ତର୍ଗତ ସମସ୍ତ କ୍ଷେତ୍ରକୁ ଏହି ଜ୍ଞାନ ଉତ୍କର୍ଷତାର ପ୍ରଯୁକ୍ତି ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବଡ଼ ଭୂମିକା ନେଇଛି। ସମଗ୍ର ପୃଥିବୀରେ ଇଣ୍ଟରନେଟର ତ୍ୱରାନ୍ୱିତ ବ୍ୟବସ୍ଥାକୁ ଦେଖିଲେ ବିଶ୍ୱରେ ଆମ ଦେଶର ସ୍ଥାନ ହେଉଛି ଶହେପନ୍ଦର। ଆମର ଜନସଂଖ୍ୟା ୧୨୦ କୋଟିରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଝଟ୍‌କା ଦେଉଥିବା ପରି ତଥ୍ୟ ହେଉଛି ଯେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ମାତ୍ର ଏକକୋଟି ଭିତରେ ସୀମିତ। ତେଣୁ ସର୍ବପ୍ରଥମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ଭିତ୍ତିଭୂମିକର ବିକାଶକୁ ପ୍ରାଥମିକତା ଦେଇ ଏହାକୁ ଅଗ୍ରଗତି କରିବା। ନ ହେଲେ ଆମ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର ୨୦୧୯ ସୁଦ୍ଧା ଅବଶିଷ୍ଟ ବିଶ୍ୱ ଦେଖିପାରିବା ପରି ଡିଜିଟାଲ ଭାରତର ପଦ୍ମ ନିଶ୍ଚୟ ପଛେଇ ଯିବ।

**(ସୌଜନ୍ୟ: ନାରାୟଣ ଚନ୍ଦ୍ର ବିଶ୍ୱାଳ, ଇଏନ୍‌ଟି ବିଭାଗ, କ୍ୟାପିଟାଲ ହସ୍‌ପିଟାଲ, ଭୁବନେଶ୍ୱର, ଦୂରଭାଷ: ୯୪୩୮୨୭୬୭୬୦)**



# ମୋ ଗାଁ

## ରୋଟାରି କଳିଙ୍ଗର ସମାଜ ସେବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ



ଭୁବନେଶ୍ୱର(ପିଏନ) : ରୋଟାରୀ କ୍ଲବ୍ ଭୁବନେଶ୍ୱର କଳିଙ୍ଗ ଏକ ସାରସ୍ୱତ ମହାନ୍ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୨୩ ନଭେମ୍ବର ୨୦୧୯ ସଂଧ୍ୟା ୬ ଘଟିକାରେ ଉତ୍କଳ ମଣ୍ଡପ ମୁକ୍ତ ଆକାଶତଳେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସ୍ୱନାମଧନ୍ୟ ବୟୋଜ୍ୟେଷ୍ଠ ସଂଗୀତଜ୍ଞ ଶ୍ରୀଯୁକ୍ତ ପ୍ରଣବ ପଟ୍ଟନାୟକ, ଶ୍ରୀଯୁକ୍ତ ଶେଖର ବୋଷ ଓ ଶ୍ରୀଯୁକ୍ତ ତାନସେନ ସିଂହଙ୍କୁ କ୍ଲବ୍ ତରଫରୁ ରୋଟାରୀ କଳିଙ୍ଗ ସମ୍ମାନ ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କର ସୁଲଳିତ କଣ୍ଠସ୍ୱର ସମସ୍ତ ଦର୍ଶକଙ୍କ ହୃଦୟରେ ମୂର୍ଚ୍ଛନା ପ୍ରତିଧ୍ୱନିତ କରାଇଥିଲା। ଏହି ମନୋଜ୍ଞ ଉତ୍ସବର ସମ୍ମାନିତ ଅତିଥି ରୋଟାରୀ ଜିଲ୍ଲା ୩୨୬୨ର ଗଭର୍ଣ୍ଣର ରୋଟାରୀଆନ୍ ଦେବାଶିଷ ମିଶ୍ର (ଚାଟାର୍ଡ଼ ଆକାଉଣ୍ଟାଣ୍ଟ) ଉତ୍କଳର ଏହି ତିନି ବରପୁତ୍ରଙ୍କୁ ସମ୍ମାନିତ କରିଥିଲେ। ଏହି ଉତ୍ସବର ଅନ୍ୟତମ ଆକର୍ଷଣ ବମ୍ବେର ସୁନାମଧନ୍ୟ ସଂଗୀତଜ୍ଞ ଅମିତ ସାନା ଏବଂ ଆମ ମାଟିର ସର୍ବଜନାଦୃତ ସଂଗୀତଜ୍ଞ ତିଲକ ଚକ୍ରବର୍ତ୍ତି ଓ ସୋନମ୍ ଦାସଙ୍କ ସଂଗୀତ ଝଲକ। ଏହି ମେଗା ଇଭେଣ୍ଟର ଉଦ୍ଦେଶ୍ୟ ହେଉଛି, ଏଥିରୁ ଉପଲବ୍ଧ ଅର୍ଥକୁ ସମାଜ ସେବାରେ ବ୍ୟବହାର କରାଯିବ। ଏହି କ୍ଲବ ସଦାସର୍ବଦାସମାଜରେ ଅବହେଳିତ, ନିସହାୟ, ନିଷ୍ପେଷିତ ଗ୍ରାମ ମାନଙ୍କରେ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି। ଉପଲବ୍ଧ ଅର୍ଥରୁ ଥଣ୍ଡା,ନିର୍ମଳ ଓ ଗରମଜଳ ପ୍ରକଳ୍ପ ସୁସ୍ଥ ଜୀବନ ପାଇଁ ସରକାରୀ ତଥା ବେସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ସ୍ଥାପିତ କରାଯିବ। ଏହି ଉତ୍ସବର ଅଧ୍ୟକ୍ଷ ରୋଟାରିଆନ୍ ଅନୁପ ପାଣିଗ୍ରାହୀ କ୍ଲବର ସଭାପତି ରୋଟାରିଆନ୍ ସଞ୍ଜୟ ବୋଷ ସ୍ୱାଗତ ଭାଷଣ ଏବଂ ସଂପାଦକ ରୋଟାରିଆନ୍ ରାଧାମୋହନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିବେ। କ୍ଲବର ପ୍ରତିଷ୍ଠାତା ସଭାପତି ଶ୍ରୀ ଅଶୋକ ମହାପାତ୍ର ଏବଂ ଅନ୍ୟ ସଭ୍ୟମାନେ ଯଥା ଆଶୁତୋଷ ନନ୍ଦ, ଶର୍ମିଷ୍ଠା ମହାନ୍ତି, ସୀମା ନାୟକ, ହାଡ଼ିବଂଧୁ ପଟ୍ଟନାୟକ କର୍ଣ୍ଣେଲ କ୍ଷିତିସ ନାୟକ, ଟି.ଆର.ଦାଶ ଓ ଅନ୍ୟ ସମସ୍ତ ସଭ୍ୟ ମାନଙ୍କ ସହଯୋଗ ଓ ସମାଜର ବ୍ୟବସାୟିକ ଓ ସରକାରୀ ଅନୁଷ୍ଠାନ ଏବଂ ରୋଟ୍ରାକ୍ଟ ଏକାମ୍ର କଳିଙ୍ଗ ଓ ରୋଟ୍ରାକ୍ଟ କଳିଙ୍ଗ ଗିଫ୍ଟର ସଦସ୍ୟମାନେ ଅକୁଣ୍ଠ ସହାୟତାରେ ଉକ୍ତ କାର୍ଯ୍ୟକ୍ରମଟି ସଫଳ ହୋଇପାରିଛି।

## ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘର ନକଲି କର୍ମକର୍ତ୍ତାଙ୍କ ଜାଲିଆତି କାରବାର

ଭୁବନେଶ୍ୱର,(ପିଏନ)- ଗତକାଲି ଯାନ୍ତ୍ରୀକ ଭବନ ଠାରେ ଆୟୋଜିତ ଏକ ପ୍ରେସ ମିଟରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ପୀତବାସ ମିଶ୍ର ଏବଂ ତାଙ୍କ ୫ ସହଯୋଗୀ ଯାଜପୁରର ତପନ ମହାରଣ୍ୟ ଶର୍ମା,ଭୁବନେଶ୍ୱର ଉତ୍କଳମେଲ ଟିଭି ରିପୋର୍ଟର ଗଜେନ୍ଦ୍ର ନାଥ ବେହେରା, ବାଲେଶ୍ୱରର ଅନୁପମ ଭାରତ ଫଟୋଗ୍ରାଫର ସତ୍ୟପ୍ରିୟମହାନ୍ତି, ଆନନ୍ଦପୁରର ଉତ୍କଳମେଲ୍ ପ୍ରତିନିଧି ଅନୀଲ ସାହୁ ଏବଂ ଅର୍ଜ୍ଜନ ମୁଦୁଲିଙ୍କୁ ସ୍ଥାୟୀ ରୁପେ ସଦସ୍ୟତା ରଦ୍ଦ କରାଗଲା। ଇସ୍ତେହାରରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘରୁ ତିନି ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ତୋଷାରପାତ କରିବା, ସଂଘ ବିରୋଧି କାର୍ଯ୍ୟରେ ଲିପ୍ତ ହେବା, ସଂଘ ନାମରେ ବିଭିନ୍ନ ସଂସ୍ଥାକୁ ଧମକି ଦେବା ଆଦି କାର୍ଯ୍ୟ କରିଥିବାରୁ ଆରଆଇଟି କଲେଜର ଅଧ୍ୟକ୍ଷ ଓ ପୁର୍ବତନ ସଭାପତି ପୀତବାସ ମିଶ୍ରଙ୍କୁ ସଂଘ ତରଫରୁ ଘୋର ବିରୋଧ କରାଯାଇଛି।ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ପାଂଚଜଣ ଅନୁଗତଙ୍କ ମାଧ୍ୟମରେ ସଂଘ ନାମରେ ବିଭିନ୍ନ ବ୍ୟାଙ୍କରେ ଜାଲିଆତି ପାସବୁକ୍ ଖୋଲି ସଂଘକୁ ମିଳିବାକୁ ଥିବା ବିଭିନ୍ନ ସଂସ୍ଥାରୁ



ବିଜ୍ଞାପନ ଅର୍ଥକୁ ନକଲି କର୍ମକର୍ତା ସାଜି ହଡପ କରିଛନ୍ତି। ସୂଚନା ଥାଉକି ନିକଟରେ ରାଉରକେଲାଠାରେ ପୀତବାସ ମିଶ୍ରଙ୍କ ପ୍ରତି ହୋଇଥିବା ର୍ଦୁବ୍ୟବହାରର ଦାଗ ନ ଲିଭୁଣୁ ଗତକାଲି ଜଳେଶ୍ୱରଠାରେ ଆମ ସଂଘର ବ୍ୟାନର ମାରି ଚାନ୍ଦା ଆଦାୟ କରିବା ମୁଳ ଲକ୍ଷ ରଖି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାର ଖବର ପ୍ରକାଶ ପାଇଛି। ନିଜେ ବହିଷ୍କୃତ ହୋଇ କେତେବେଳେ ରାଷ୍ଟ୍ରୀୟ ଅଧ୍ୟକ୍ଷ କେତେବେଳେ ପୁଣି ସଭାପତି ହେବା ଲାଳସା ରଖି ବିଭ୍ରାନ୍ତିକର ଖବର ପ୍ରକାଶ କରି ଚାଲିଛନ୍ତି। ସଂଘକୁ ବ୍ୟକ୍ତିଗତ ସ୍ୱାର୍ଥସାଧନ ନିମନ୍ତେ କିଛି ଅନୁଗତ ତଥା ଉତ୍କଳମେଲ କର୍ମଚାରୀମାନଙ୍କୁ ମନଇଚ୍ଛା ପଦ ପଦବୀ ଦେଇ ଅବାଂଛିତ ଅର୍ଥ ଆଦାୟ ଚାଲିଛି। ପ୍ରେସମିଟରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଘର ମୁଳ ଦସ୍ତାବିଜ, ବ୍ୟାଙ୍କରୁ ଜାଲିଆତି କରାଯାଇଥିବା ପାସବୁକ ସବୁ ଦେଖାଯାଇ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ସରୋଜ ରଂଜନ ପଟ୍ଟନାୟକ, ସାଧାରଣ ସଂପାଦକ ରଜନୀକାନ୍ତ ସାମନ୍ତରାୟ, କୋଷାଧ୍ୟକ୍ଷ ନିତ୍ୟ ନିରଂଜନ ପଣ୍ଡା, ନିର୍ବାଚନ ଅଧିକାରୀ ନୃପ କିଶୋର ପଟ୍ଟନାୟକ ,ଡଃ ରବିନ୍ଦ୍ର କୁମାର ରାଉତରାୟ- ରାଜ୍ୟ ସଂଯାଜକ ପ୍ରଭାତ ପୃଷ୍ଟି - ପୁରୀଜିଲ୍ଲା ସଭାପତି ବିବୃତି ରଖିଥିଲେ କି ସଂଘ ବିଭାଜନ ହୋଇନାହିଁ କିମ୍ବା ପୀତବାସ ମିଶ୍ର ସଂଘର କୌଣସି ପଦ ପଦବୀରେ ନାହାଁନ୍ତି। ସଂଘର କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ସହମତି କ୍ରମେ ଅର୍ଥ ତୋଷାରପାତ କରିଥିବା ଏବଂ ଜାଲିଆତି ବ୍ୟାଙ୍କ ଖାତା ଖୋଲିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗିରଫ କରିବାକୁ ଦାବି ହୋଇଅଛି। ସାମ୍ବାଦିକମାନଙ୍କ ସୁରକ୍ଷା ଦାବିରେ ଆଗାମୀ ଡିସେମ୍ବର ୨୩ ତାରିଖରେ ରାଜଧାନୀରେ ଏକ ସମାବେଶ ହେବ ବୋଲି ସଂଘର ସଭାପତି ସରୋଜରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର କର୍ମଶାଳା ଅନୁଷ୍ଠିତ



ଭୁବନେଶ୍ୱର (ପିଏନ); ଆଜି ଭୁବନେଶ୍ୱର ସ୍ଥିତ ହୋଟେଲ ଏକ୍ସଲେନସି ଠାରେ ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର କେନ୍ଦ୍ରମାନଙ୍କର ସମୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଗୋଷ୍ଠୀ ବେତାର କେନ୍ଦ୍ରରୁ ଶହେରୁ ଅଧିକ ଯୁବ ବେତାର ସାମ୍ବାଦିକ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ୟୁନିସେଫ ସହାୟତାରେ ସାମାଜିକ ସଂଗଠନ ୟଙ୍ଗଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଅତିଥି ଭାବେ ୟୁନିସେଫର ଓଡିଶା ମୁଖ୍ୟ ଡ. ମୋନିକା ନେଲସନ, ୟୁନିସେଫର ଯୋଗାଯୋଗ ବିଶେଷଜ୍ଞ ଲୋପାମୁଦ୍ରା ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସନ୍ଦିପ ସାହୁ, ଆକାଶବାଣୀ ଓ ଦୁରଦର୍ଶନ କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ ଶାନ୍ତନୁ ରଥ, ଆକାଶବାଣୀ, କଟକର ଅଧିକାରୀ ଇତିଶ୍ରୀ ରାଥୋର ପ୍ରମୁଖ ଯୋଗଦେଇ ଗୋଷ୍ଠୀ ବେତାରର ଆବଶ୍ୟକତା ଓ ଯୁବ ଗୋଷ୍ଠୀର ଭୁମିକା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମତବ୍ୟକ୍ତ କରି ଗୋଷ୍ଠୀ ବେତାର ମହାସଂଘର ଜାତୀୟ ସଭାପତି ଏନ୍. ଏ. ଶାହଃ ଅନସାରୀ ଦେଶ ଓ ଦେଶ ବାହାରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡିକ କିପରି କାର୍ଯ୍ୟ କରୁଛି କହିବା ସହ ଓଡିଶା ବହୁ ଶୀଘ୍ର ଦକ୍ଷିଣ ଏସିଆର କମ୍ୟୁନିଟି ହବ୍ ହେବ ବୋଲି କହିଥିଲେ। ବର୍ତ୍ତମାନ ଦେଶରେ ୨୬୫ଟି ଗୋଷ୍ଠୀ ବେତାର କେନ୍ଦ୍ର କାର୍ଯ୍ୟକ୍ଷମ ଥିବାବେଳେ ତନ୍ମଧ୍ୟରୁ ଓଡିଶାରେ ୧୭ଟି କାର୍ଯ୍ୟ କରୁଛି। ଖୁବ ଶୀଘ୍ର ଓଡିଶାରେ ଆହୁରି ୫୦ଟି କେନ୍ଦ୍ର ଖୋଲିବାକୁ ଯାଉଛି ବୋଲି ସେ କହିଥିଲେ। ୟୁନିସେଫ ଓଡିଶା ମୁଖ୍ୟ ମୋନିକା ନେଲସନ ଏହି ଅବସରରେ ସମାଜ ପରିବର୍ତ୍ତନ ନିମନ୍ତେ ଯୁବ ଗୋଷ୍ଠୀଙ୍କୁ ଅଧିକ କୁଶଳୀ କରିବା ବାଂଛନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କମ୍ୟୁନିଟି ରେଡିଓ ଫର ଚେଂଜ ପୁସ୍ତିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଶିଶିର ଦାସ ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ୟୁନିସେଫ ଅଧିକାରୀ ରୁଦ୍ରପ୍ରସାଦ ରଥ ଯୁବ ସାମ୍ବାଦିକ ମାନଙ୍କ ସହ ଗୋଷ୍ଠୀଗତ ଆଲୋଚନା କରି ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିଥିଲେ।

ଏହି ଅବସରରେ ଗତ ଏକ ବର୍ଷ ଧରି ପ୍ରଭାବଶାଳୀ ପଦକ୍ଷେପ ନେଇଥିବା ୮ ଜଣ ଯୁବ ବେତାର ସାମ୍ବାଦିକ ରେଡିଓ ନମସ୍କାରର ରୋଜାଲିନ ପ୍ରଧାନ, ରେଡିଓ ସ୍ମାଇଲର ସାଗର ପଟ୍ଟନାୟକ, ରେଡିଓ ସୁରଭିର ସ୍ମିତା ସାହୁ, ରେଡିଓ ବୁଲବୁଲର ଶେଖ୍ ରିୟାଜ, ରେଡିଓ ସ୍ୱରାଜର ଅନିତା ଖିଲାର, ସୋଆ ରେଡିଓର ସବନମ ସିରିନ, ରେଡିଓ ମୁସ୍କାନର ସିବାନି ସୁଆର ଓ ରେଡିଓ ଜନବାଣୀର ମୀନାକ୍ଷୀ ଶବର ଙ୍କୁ ସମ୍ମାନିତ କରାଯାଇଥିଲା। ଗତ ବର୍ଷ ମଧ୍ୟରେ ୟୁନିସେଫ ସହାୟତାରେ ଚାଲିଥିବା ଏହି ପ୍ରକଳ୍ପରେ ୧୪ ଟି ଗୋଷ୍ଠୀ ବେତାର କେନ୍ଦ୍ର ମାଧ୍ୟମରେ ୧୩୫୮ଟି ବିଷୟବସ୍ତୁ ଉପରେ ୫୪୭୭ ଘଂଟାର କାର୍ଯ୍ୟକ୍ରମ ପ୍ରସାରଣ ହୋଇଛି। ଏହା ଫଳରେ ଏହି ବାର୍ତ୍ତା ୧୩ଟି ଜିଲ୍ଲାର ୨୭ ଲକ୍ଷ ଲୋକଙ୍କ ପାଖରେ ପହଁଚାଯାଇପାରିଛି। ଏହି କାର୍ଯ୍ୟକ୍ରମରେ ୪୮୨ଟି ଶ୍ରୋତା ମଣ୍ଡଳୀ ଗଠନ କରାଯାଇ ୬୧୧ ଟି ସମସ୍ୟାର ସମାଧାନ କରାଯାଇଥିଲା। ରେଡିଓ ବୁଲବୁଲର ନିର୍ଦ୍ଦେଶକ ଶେଖ୍ ମହମ୍ମଦ ନିୟାଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାକୁ ରେଡିଓ ସ୍ୱରାଜର ଅଧ୍ୟକ୍ଷ ଏସ. ଏ. ସଫିକ, ୟଙ୍ଗଇଣ୍ଡିଆର ସଂଯୋଜକ ଅନ୍ଦାଜ ଆରନ, ପ୍ରିୟ ରଂଜନ ମହାନ୍ତି, ଏସ୍. କାଜଲ ପ୍ରମୁଖ ପରିଚାଳନା କରିଥିଲେ।

## ଜେଏସ୍‌ଡବ୍ଲୁ ଇନଫ୍ରାଷ୍ଟ୍ରକଚର୍ ପକ୍ଷରୁ ପାରାଦୀପ ପୋର୍ଟରେ ଭାରତର ଅତ୍ୟାଧୁନିକ ଲୁହା ପଥର ଟର୍ମିନାଲ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର: ଦେଶର ଅଗ୍ରଣୀ ଘରୋଇ ବନ୍ଦର କଂପାନି ଓ ୧୪ ବିଲିଅନ ଡଲାର ଜେଏସଡବ୍ଲୁ ଗ୍ରୁପର ଅଂଶ, ଜେଏସଡବ୍ଲୁ ଇନଫ୍ରାଷ୍ଟ୍ରକ୍ଚର୍ ପକ୍ଷରୁ ପାରାଦୀପ ପୋର୍ଟରେ ଏହାର ନୂଆ ଲୁହାପଥର ଟର୍ମିନାଲ୍‌କୁ କାର୍ଯ୍ୟକ୍ଷମ କରାଯାଇଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ୧୮ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଏହି ୩୭୦ ମିଟର ଲମ୍ବା ଟର୍ମିନାଲ୍‌କୁ ବିକଶିତ କରାଯାଇଛି। ଲୁହା ପଥର ଓ ପେଲେଟ୍ ରପ୍ତାନି ଲାଗି ବୃହତ ଆକାରର (କେପ୍ ସାଇଜ) ଜାହଜକୁ ଏହା ପରିଚାଳନା କରିପାରିବ ଏବଂ ଦୈନିକ ୧୦୦,୦୦୦ ମେଟିକ୍ ଟନ୍ ହାରରେ ମାଲ୍ ଲୋଡ଼ କରିପାରିବ। ଉଚ୍ଚ ଲୋଡିଂ ହାର ଯୋଗୁଁ ପାରାଦୀପରେ ପ୍ରି-ବର୍ଥିଂ ବିଳମ୍ବ କମିଯିବା ସହିତ ଦଶର ସର୍ବବୃହତ ବନ୍ଦରରେ ପରିଣତ ହେବାକୁ ଯାଉଥିବା ଏହି ବନ୍ଦରକୁ ମାଲର ଆଗମନ ବୃଦ୍ଧି ପାଇବ। ପାରାଦୀପରେ ଏହି ନୂତନ ଟର୍ମିନାଲ ସ୍ଥାପନ କରିବା ଲାଗି କଂପାନି ପ୍ରାୟ ୭୫୦ କୋଟ ଟଙ୍କାର ପୁଞ୍ଜିନିବେଶ କରିଛି।ନିର୍ମାଣ, ପରିଚାଳନା ଓ ହସ୍ତାନ୍ତର ଭିତିରେ ୩୦ ବର୍ଷ ଲାଗି ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ ଲୁହା ପଥର ରପ୍ତାନି ଟର୍ମିନାଲ୍ ବିକଶିତ କରିବା ଲାଗି ପାରାଦୀପ ପୋର୍ଟ ତରଫରୁ ଜେଏସଡବ୍ଲୁ ଇନଫ୍ରାଷ୍ଟ୍ରକ୍ଚର୍‌କୁ କାର୍ଯ୍ୟ ବରାଦ ଦିଆଯାଇଥିଲା। ଏହି ନୂତନ ଟର୍ମିନାଲ୍ କାର୍ଯ୍ୟକ୍ଷମ ହେବା ସହିତ ଜେଏସ୍‌ଡବ୍ଲୁ ଇନଫ୍ରାଷ୍ଟ୍ରକ୍ଚର୍‌ର ମୋଟ ମାଲ ପରିଚାଳନା ଦକ୍ଷତା ୧୦୦ ଏମଟିପିଏ ସ୍ତର ଅତିକ୍ରମ କରିଛି।

ପାରାଦୀପର ନୂତନ ଟର୍ମିନାଲ୍ ସମ୍ପର୍କରେ ଶ୍ରୀଯୁକ୍ତ ଅରୁଣ ମାହେଶ୍ୱରୀ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଜେଏ୍ସଡବ୍ଲୁ ଇନଫ୍ରାଷ୍ଟ୍ରକ୍ଚର୍ କହିଛନ୍ତି ଯେ, 'ସମୁଦ୍ର ପଥରରେ ଲୁହା ପଥର ପରିବହନ ପାଇଁ ପାରାଦୀପ ଆକର୍ଷଣୀୟ ସ୍ଥାନ ହୋଇ ରହିଛି। ଏହି ନୂତନ ଟର୍ମିନାଲ୍ କାର୍ଯ୍ୟକ୍ଷମ ହେବା ସହିତ ଭାରତ ଏବେ ବୃହତ ଆକାରର ଜାହଜ ପରିବହନ ସୁବିଧା ପ୍ରଦାନ କରିପାରିବ। ଏହି ଦକ୍ଷତା କେବଳ ଅନ୍ୟ କିଛି ଭାରତୀୟ ବନ୍ଦର ନୁହେଁ ବରଂ ଅନେକ ଆନ୍ତର୍ଜାତିକ ଦ୍ୱର ତୁଳନାରେ ବହୁତ ଉନ୍ନତ। ଏହି ଅତ୍ୟାଧୁନ୍ନକ, ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ ଓ ପରିବେଶ ମିତବ୍ୟୟୀ ଟର୍ମିନାଲ୍ ଆମର ଗ୍ରାହକଙ୍କ ପାଇଁ ଦ୍ରୁତ ବେଗରେ ମାଲ୍ ବୋଝେଇ (ଟର୍ଣ୍ଣ ଆରାଉଣ୍ଡ) ସହ ମାଲ୍ ପରିଚାଳନା କ୍ଷତିକୁ କମ୍ କରିବ। ଏହା ଗ୍ରାହକଙ୍କ ସମେତ ପାରାଦୀପ ପୋର୍ଟର ପ୍ରତିଦ୍ୱନ୍ଦ୍ୱିତା ଦକ୍ଷତା ବଢ଼ାଇବାରେ ସହୟକ ହେବ। ଆସନ୍ତା ତିନି ବର୍ଷରେ ୨୦୦ ଏମ୍‌ଟିପି ମାଲ ପରିବହନ ପାଇଁ ରହିଥିବା ବୃହତର ଲକ୍ଷ୍ୟର ଏକ ଅଂଶ ହେଉଛି ଏହି ଟର୍ମିନାଲ୍। ଆମେ ଆମର କ୍ଷମତା ଲକ୍ଷ୍ୟକୁ ଗ୍ରିନ୍‌ଫିଲ୍ଡ ଓ ବ୍ରାଉନ୍ ଫିଲ୍ଡ ସଂପ୍ରସାରଣ ଜରିଆରେ ହାସଲ କରିବୁ।''ଜେଏସ୍‌ଡବ୍ଲୁର ପାରାଦୀପ ଲୁହା ପଥର ଟର୍ମିନାଲ୍‌ରେ ରହିଛି ଦୁଇଟି ଜାହଜ-ଲୋଡର ରହିଛି ଓ ପ୍ରତ୍ୟକଟିର କ୍ଷମତା ହେଉଛି ଘଂଟାକୁ ୭୦୦୦ ମେଟ୍ରିକ୍ ଟନ୍। ଦ୍ରୁତ ରେକ୍ ଅନ୍‌ଲୋଡିଂ ପାଇଁ ଏଠାରେ ରୋଟାରି ଓ ଟାଣ୍ଡେମ୍ ଟିପଲର୍ ସହିତ ୮୦୦,୦୦୦ ମେଟ୍ରିକ୍ ଟନ୍‌ର କାର୍ଗୋ ଷ୍ଟୋରେଜ୍ ୟାର୍ଡ ରହିଛି। ଦେଶର ଅଗ୍ରଣୀ ପେଲେଟ୍ ନିର୍ମାତା ବ୍ରାହ୍ମଣୀ ରିଭର୍ ପେଲେଟସ୍ ଲିମିଟେଡ୍ ପାଇଁ ଏମ୍‌ଭି ଆଇସି ଫୋନିକ୍ସରେ ପ୍ରାୟ ୬୦,୦୦୦ ମେଟ୍ରିକ୍ ଟନ୍ ଲୁହା ପଥର ପେଲେଟ୍‌କୁ ପାରାଦୀପରେ ଲୋଡିଂ କରି ଜେଏସ୍‌ଡବ୍ଲୁ ଏହି ନୂତନ ଟର୍ମିନାଲ୍‌କୁ କାର୍ଯ୍ୟକ୍ଷମ କରିଛି।ଏହି ଅବସରରେ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ବୈଷ୍ଣବ, ପରିଚାଳନା ନିର୍ଦ୍ଦେଶକ, ବ୍ରାହ୍ମଣୀ ରିଭର ପେଲେଟସ୍ ଲିମିଟେଡ୍ କହିଛନ୍ତି ଯେ,"ପାରାଦୀପର ଜେଏସ୍‌ଡବ୍ଲୁ ଟର୍ମିନାଲ୍‌ରୁ ଏମଭି ଆଇସି ଫୋନିକ୍ସ ଜାହଜକୁ ପ୍ରଥମ ପରିବହନକାରୀ (ସିପର୍) ଭାବେ ଶୁଭାରମ୍ଭ କରିଥିବାରୁ ଅତ୍ୟନ୍ତ ଉଲ୍ଲସିତ। ଏହି ଷ୍ଟେଟ୍ ଅଫ୍ ଆର୍ଟ ଟର୍ମିନାଲ୍ ବନ୍ଦରର ପରିଚାଳନା ଦକ୍ଷତା ଓ ପ୍ରଭାବଶାଳୀ ଢ଼ଙ୍ଗକୁ ବଢ଼ାଇବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ମୋଟ ଖର୍ଚ୍ଚ କମ କରିବ ଏବଂ ଆନ୍ତର୍ଜାତିକ ବଜାରରେ ଆମକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରି ଜଏସ୍‌ଡବ୍ଲୁ ଟର୍ମିନାଲ୍ ଭାରତୀୟ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆମେ ଇତିହାସକୁ ସୃଷ୍ଟି ହେବା ଦେଖୁଛୁ ଯାହା ରପ୍ତାନି ଓ ଉପକୂଳ ପରିବହନ ପାଇଁ ପାରାଦୀପ ପୋର୍ଟକୁ ଅନ୍ୟତମ ଶ୍ରେଷ୍ଠ ଓ ପସନ୍ଦର ବନ୍ଦରରେ ପରିଣତ କରିବ।''

## ସଙ୍ଗୀତ କଳାକେନ୍ଦ୍ର-୨୦୧୯ ପୁରସ୍କାର ନଭେମ୍ବର ୨୭ରେ

ଭୁବନେଶ୍ୱର: ପରଫରମିଂ ଆର୍ଟସ୍‌ର ପ୍ରସାର ଲାଗି ଶ୍ରୀଯୁକ୍ତ ଆଦିତ୍ୟ ବିକ୍ରମ ବିର୍ଲା ୧୯୭୩ ମସିହାରେ ଅନ୍ୟତମ ଜାତୀୟ ସଂସ୍କୃତି ପ୍ରତିଷ୍ଠାନ ସଙ୍ଗୀତ କଳାକେନ୍ଦ୍ର ପ୍ରତିଷ୍ଠା କରିଥିଲେ। ୧୯୫୫ରେ ତାଙ୍କର ଦେହାନ୍ତ ହେବା ପରେ ତାଙ୍କ ସ୍ମୃତିରେ ଓ ଶ୍ରୀଯୁକ୍ତ ଆଦିତ୍ୟ ବିର୍ଲାଙ୍କ ପରମ୍ପରାକୁ ଆଗକୁ ବଢ଼ାଇବା ଲାଗି ସଙ୍ଗୀତ କଳା କେନ୍ଦ୍ର ତରଫରୁ ୧୯୯୬ରେ ଆଦିତ୍ୟ ବିକ୍ରମ ବିର୍ଲା କଳା ଶିଖର ପୁରସ୍କାର ସ୍ଥାପନ କରାଯାଇଥିଲା। ପରବର୍ତି ସମୟରେ ସେମାନେ ଆଦିତ୍ୟ ବିର୍ଲା କଳା କୀରଣ ପୁରସ୍କାର ମଧ୍ୟ ସ୍ଥାପନ କରିଥିଲେ। ଏହି ପୁରସ୍କାରଗୁଡ଼ିକ ହେଉଛି ପରଫରମିଂ ଆର୍ଟସ କ୍ଷେତ୍ରରେ ଉଦାହରଣ ସୃଷ୍ଟିକାରୀ ପ୍ରତିଭା ଓ ଉତ୍କୃଷ୍ଟ ସଫଳତା ପାଇଁ ଏକ ସ୍ୱୀକୃତି।

୨୦୧୯ ବର୍ଷରେ, ଇନଷ୍ଟ୍ରୁମେଂଟାଲ୍ ମ୍ୟୁଜିକ୍ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବା ଲାଗି ଏହି ପୁରସ୍କାର ପ୍ରଦାନ କରାଯିବ। ଉଦୀୟମାନ ପ୍ରତିଭାମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। କଳା ଶିଖର ପୁରସ୍କାରକୁ ଜଣେ ସବୁଠୁ ଲୋକପ୍ରିୟ ଓ ସାରା ବିଶ୍ୱରେ ପରିଚିତ ତବଲା ବାବଦକଙ୍କୁ ପ୍ରଦାନ କରାଯିବ। ଆସନ୍ତା ନଭେମ୍ବର ୨୭ରେ ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ପୁରସ୍କାର ବିତରଣ ସମାରୋହରେ ବିଶ୍ୱ ବିଦିତ ଭାୟୋଲିନ ବାଦକ ଡକ୍ଟର ଏନ୍ ରାଜମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ସଙ୍ଗୀତ କଳା କେନ୍ଦ୍ରର ସଭାନେତ୍ରୀ ଶ୍ରୀମତୀ ରାଜଶ୍ରୀ ବିର୍ଲା ଓ ଉପସଭାପତି ଶ୍ରୀଯୁକ୍ତ କୁମାର ମଙ୍ଗଳମ୍ ବିର୍ଲା ମଧ୍ୟ ପୁରସ୍କାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବେ।

ବିଗତ ବର୍ଷଗୁଡିକରେ ଏହି ପୁରସ୍କାର ଏକ ଅଭିଳାଷରେ ପରିଣତ ହୋଇଛି। ଏହାର ବିଜେତା ହେଉଛନ୍ତି ପରଫରମିଂ ଆର୍ଟସ୍‌ରେ ଉଦାହରଣ ସୃଷ୍ଟିକାରୀ। ଇନଷ୍ଟ୍ରୁମେଂଟାଲ୍ ମ୍ୟୁଜିକ୍ କ୍ଷେତ୍ରର କିଛି ବିଶିଷ୍ଟ ବ୍ୟକ୍ତିଙ୍କ ନାମ ହେଉଛି -ପଣ୍ଡିତ ଶିବକୁମାର ଶର୍ମା (୨୦୧୫), ପଣ୍ଡିତ ବିଜୟ ରାଘବ ରାଓ (୨୦୦୮) ଓ ପଣ୍ଡଇଥ ଶ୍ରୀ ରାମ ନାରାୟଣ (୧୯୯୯)।

ଏଥିରେ ସ୍ଥାନ ପାଇଥିବା ଅନ୍ୟ ଚର୍ଚ୍ଚିତ ନାମଗୁଡ଼ିକ ହେଉଛି: କୁମାରୀ ଲତା ମଙ୍ଗେସକର (୧୯୯୬), ଶ୍ରୀଯୁକ୍ତ ଏମ ଏଫ ହୁସେନ (୧୯୯୭), ଗୁରୁ କେଲୁଚରଣ ମହାପାତ୍ର (୧୯୯୮), ପଣ୍ଡିତ ଭୀମସେନ ଯୋଶୀ (୨୦୦୦), ଶ୍ରୀଯୁକ୍ତ ହବିବ ତନବୀର (୨୦୦୧), ଶ୍ରୀଯୁକ୍ତ ଶଙ୍ଖୋ ଚୌଧୁରୀ (୨୦୦୨), ଶ୍ରୀମତୀ ତେଜନ ବାଇ ଓ ଶ୍ରୀଯୁକ୍ତ ଜିଭା ସୋମା ମାସି (୨୦୦୩), ଶ୍ରୀଯୁକ୍ତ ପୁରୁଷୋତମ ଦାସ ଜଲୋଟା (୨୦୦୪), ଡକ୍ଟର ଗଙ୍ଗୁବାଇ ହଙ୍ଗଲ (୨୦୦୫), ଶ୍ରୀଯୁକ୍ତ କେ ଜି ସୁବ୍ରମଣିଅନ (୨୦୦୬), ଶ୍ରୀମତୀ ମୃଣାଳିନୀ ସରାଭାଇ (୨୦୦୭), ପଣ୍ଡିତ ଯଶରାଜ (୨୦୦୯), ପ୍ରଫେସର ରାଜ ବିସାରିଆ (୨୦୧୦), ଶ୍ରୀଯୁକ୍ତ ନାଗି ପଟେଲ (୨୦୧୧), ପଦ୍ମଶ୍ରୀ ଶ୍ରୀମତୀ ଜମୁନାବାଇ ଜଓ୍ୱାଲେ ଓ ଶ୍ରୀଯୁକ୍ତ ନାଗେଶ୍ୱର ରାଓ (ବାବଜୀ) (୨୦୧୨), ଡକ୍ଟର ଗିରିଜା ଦେବୀ (୨୦୧୩), ପଣ୍ଡିତ ବିର୍ଜୁ ମହାରାଜ (୨୦୧୪), ଡକ୍ଟର ପ୍ରତିଭା ଅଗ୍ରଓ୍ୱାଲ (୨୦୧୬), ଡକ୍ଟର ପ୍ରଭା ଆତରେ (୨୦୧୭) ଓ ଡକ୍ଟର କନକ ରେଲେ (୨୦୧୮)।

## କେର୍ଣ୍ଣ ଅଏଲ ଏଣ୍ଡ ଗ୍ୟାସ, ବେଦାନ୍ତ ଲିଃ ର ସିଇଓ ଅଜୟ କୁମାର ଦିକ୍ଷିତ ଙ୍କୁ ଲିଡରସିପ ଏକ୍ସଲେନ୍ସ ଆଓ୍ୱାର୍ଡ

ମୁମ୍ବାଇ-ମୁମ୍ବାଇ ଠାରେ ଏବିପି ନ୍ୟୁଜ ବ୍ରାଣ୍ଡ ଏକ୍ସଲେନ୍ସ ପୁରସ୍କାର ସମାରୋହରେ କେର୍ଣ୍ଣ ଅଏଲ ଏଣ୍ଡ ଗ୍ୟାସ, ବେଦାନ୍ତ ଲିଃ ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅଜୟ କୁମାର ଦିକ୍ଷିତ ଙ୍କୁ ଲିଡରସିପ ଏକ୍ସଲେନ୍ସ ଆଓ୍ୱାର୍ଡ ୨୦୧୯ ରେ ସମ୍ମାନିତ କରାଯାଇଛି।

କେର୍ଣ୍ଣ ଏକ ପରିବର୍ତନର କେନ୍ଦ୍ରରେ ଅବସ୍ଥିତ। ଏହା ବିଗତ ୫ ବର୍ଷ ମଧ୍ୟରେ ୫ ରୁ ୫୮ ବ୍ଲକ କୁ ବୃଦ୍ଧି ପାଇଛି। ଏହାର କାୟ ୬୦୦୦ ବର୍ଗ କି.ମି ରୁ ବୃଦ୍ଧି ପାଇଁ ୬୫,୦୦୦ ବର୍ଗ କି.ମି ରେ ପହଂଚି ଏହା ପୃଥିବୀର ସର୍ବବୃହତ ଅନ୍ୱେଷଣ କମ୍ପାନୀ ମାନଙ୍କ ମଧ୍ୟରେ ଅନ୍ୟତମ ହେବାକୁ ପ୍ରେରଣା ଯୋଗାଇଛି। ଏହି ବିକାଶ ଶ୍ରୀ ଅଜୟ କୁମାର ଦିକ୍ଷିତ ଙ୍କ ଶକ୍ତିଶାଳୀ ନେତୃତ୍ୱ ପାଇଁ ସମ୍ଭବ ହୋଇଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ପ୍ରତ୍ୟେକ ବେଦାନ୍ତ କର୍ମଚାରୀ ଙ୍କୁ କମ୍ପାନୀ ଦୃଷ୍ଟିକୋଣ ଅବଗତ କରାଇବା ପାଇଁ ଅଜୟ ବଳିଷ୍ଠ ନେତୃତ୍ୱ ପ୍ରଦାନ କରିପାରିଛନ୍ତି। ସେ ଭାରତର ଘରୋଇ ତୈଳ ଉତ୍ପାଦନରେ ୫୦ ପ୍ରତିଶତ ଯୋଗଦାନ ପାଇଁ ପ୍ରତ୍ୟେକ କର୍ମଚାରୀ ଙ୍କୁ ପ୍ରେରଣା ଯୋଗାଇ ଦେଇଛନ୍ତି। ଅଜୟ ଏହି ଲକ୍ଷ ପୁରଣ ପାଇଁ ଜନ ଶସକ୍ତିକରଣ ଉପରେ ଆସ୍ଥା, ନିରନ୍ତର ପ୍ରଯୁକ୍ତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି, ଡିଜିଟାଲାଇଜେସନ ଇତ୍ୟାଦି ମଧ୍ୟମରେ ଅନ୍ୱେଷଣରେ ଗତିଶୀଳ ଆଣିପାରିଛନ୍ତି। ଏହି ପୁରସ୍କାର ଗ୍ରହଣ କରିବା ଅବସରରେ ଅଜୟ କହିଛନ୍ତି, "ତୈଳ ଓ ଗ୍ୟାସ କ୍ଷେତ୍ରରେ ଏହି ମାନ୍ୟତା ପାଇବା ଏକ ସମ୍ମାନର ବିଷୟ। ଏକ ଯୁବ ଉତ୍ସାହିତ ଏବଂ ଧ୍ୟାନ କେନ୍ଦ୍ରିତ ଟିମ ପାଇଥିବାରୁ ମୁଁ ଆନନ୍ଦିତ। ଏହି ପୁରସ୍କାରକୁ ମୁଁ କେର୍ଣ୍ଣର ସମସ୍ତ କର୍ମଚାରୀ ଙ୍କୁ ଉତ୍ସର୍ଗ କରୁଅଛି।"

ଶକ୍ତି କ୍ଷେତ୍ରରେ ଅଜୟଙ୍କ ୩୯ ବର୍ଷର ଅଭିଜ୍ଞତା ଅଛି। ସେ ବେଦାନ୍ତରେ ୨୦୧୫ ମସିହାରେ ଯୋଗ ଦେଇଥିଲେ। କେର୍ଣ୍ଣ ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ଯୋଗ ଦେବା ପୂର୍ବରୁ ବେଦାନ୍ତ ଆଲୁମିନିୟମ ଓ ପାଓ୍ୱାର ର କାର୍ଯ୍ୟକାରୀ ସିଇଓ ଭାବରେ କାର୍ଯ୍ୟ କରିଥିଲେ। କେର୍ଣ୍ଣର ରାଜସ୍ଥ ତୈଳ କ୍ଷେତ୍ର, ବହିଃ ବ୍ୟାପାର କୁ ବଢାଇ ଏକ ମଜବୁତ ଏବଂ ଉଚ୍ଚ ବିକାଶ ସଙ୍ଗଠନ ଗଢିବାରେ ଅଜୟ ନେତୃତ୍ୱ ଦେଇଛନ୍ତି।

ଏହି ଅବସରରେ ବେଦାନ୍ତର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଶ୍ରୀନିବାସ ଭେଙ୍କଟକୃଷ୍ଣନ କହିଛନ୍ତି, "ଏହି ମାନ୍ୟତା ପାଇଁ ଅଜୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଏହି ପୁରସ୍କାର ଅଜୟଙ୍କ ସୃଷ୍ଟ ବ୍ୟବସାୟୀକ ଦୃଷ୍ଟି ଏବଂ ରଣନିତୀ ଦର୍ଶାଉଛି। ଅଜୟ ଜାଣନ୍ତି ଯେ କିପରି ଏକ ଟିମ ପାଇଁ ଉତ୍ସାହ ପୂର୍ଣ୍ଣ ବାତାବରଣ ଗଢା ଯାଇପାରିବ।"ଏବିପି ନ୍ୟୁଜ ବ୍ରାଣ୍ଡ ଏକ୍ସଲେନ୍ସ ପୁରସ୍କାର ଏକ ସ୍ୱତନ୍ତ୍ର ବ୍ରାଣ୍ଡ ଚିହ୍ନଟ ପ୍ରୟାସ ଯାହା ଅସାଧାରଣ ସଫଳତା ପାଇଥିବା ବ୍ରାଣ୍ଡ ଚିହ୍ନଟ କରିଥାଏ। ଏହି ପୁରସ୍କାର ଆର୍ଥିକ ମୁଲ୍ୟାଙ୍କନ ନୁହେଁ ବରଂ ଉପଭୋକ୍ତା ମାନଙ୍କର ଚୟନରୁ ସ୍ଥିର କରାଯାଇଥାଏ। ଏହି କାର୍ଯ୍ୟକ୍ରମ ଓ୍ୱାର୍ଲ୍ଡ ମାର୍କେଟିଂ କଂଗ୍ରେସ ଦ୍ୱାରା ଆୟୋଜନ କାରାଯାଇଥିଲା। ଏଥିରେ ସିଏମଓ ଏସିଆ, ଏସିଆନ କନ୍‌ଫେଡେରେସନ ଅଫ ବିଜ୍‌ନେସ ଏବଂ ଓ୍ୱାର୍ଲ୍ଡ ସଷ୍ଟେନିବିଲିଟି ସହାୟତା କରିଥିଲେ।

## ଗୋଏୟାର ୧୪ତମ ବାର୍ଷିକୀରେ ୧୪ତମ ଓଟିପି ମୁକୁଟ ହାସଲ

ଭୁବନେଶ୍ୱର: ଭାରତର ସବୁଠୁ ବିଶ୍ୱାସଯୋଗ୍ୟ, ସମୟାନୁବର୍ତି ଓ ଦ୍ରୁତ ଅଭିବୃଦ୍ଧିଶୀଳ ବିମାନ କଂପାନି ଗୋଏୟାର ଏହାର ଦୃଢ଼ ପ୍ରଦର୍ଶନ ଜାରି ରଖି କ୍ରମାଗତ ୧୪ତମ ମାସ ପାଇଁ ଅନ-ଟାଇମ୍-ପ୍ରଦର୍ଶନ (ଓଟିପି) ମୁକୁଟ ବଜାୟ ରଖିଛି। ଅନ୍ୟ କୌଣସି କଂପାନି ହାସଲ କରିପାରିନଥିବା ଏହି ପ୍ରଦର୍ଶନକୁ ଭାରତର ସାରା ବିମାନ ଶିଳ୍ପ ବିଚାରକୁ ନେଇଛି। ୧୪ତମ ଓଟିପି ମୁକୁଟର ଗୁରୁତ୍ୱ ବହୁତ ବଢ଼ିଯାଇଛି କାରଣ କଂପାନି ଏହାର ୧୪ତମ ବାର୍ଷିକୀ ପାଳନ କରୁଥିବା ବେଳେ ଏହି ମାନ୍ୟତା ହାସଲ କରିଛି।

ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତରଫରୁ ଜାରି କରାଯାଇଥିବା ତଥ୍ୟ ମୁତାବକ, ୨୦୧୯ ଅକ୍ଟୋବର ମାସ ପାଇଁ ଗୋଏୟାର ୭୯.୯%ର ଅନ-ଟାଇମ ପ୍ରଦର୍ଶନ ହାସଲ କରିଛି ଯାହା ସିଡ୍ୟୁଲଡ ବିମାନ କଂପାନିଗୁଡିକ ମଧ୍ୟରେ ସର୍ବାଧିକ। ୨୦୧୯ ଅକ୍ଟୋବରରେ କଂପାନି ଏହାର ବିମାନଗୁଡିକରେ ୧୩.୭୮ ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛି। ୨୦୧୯ ଅକ୍ଟୋବର ମାସରେ ପ୍ରତି ୧୦,୦୦୦ ଯାତ୍ରୀଙ୍କ କ୍ଷେତ୍ରରେ ଅଭିଯୋଗ ମାତ୍ରା ୦.୫ ପ୍ରତିଶତ ରହିଛି।

ବିଗତ କିଛି ବର୍ଷ ହେଲାଣି ଗୋଏୟାର ପକ୍ଷରୁ ଆରାମ, ସେବା ଓ ଓଟିପିରେ ନିୟମିତ ଉନ୍ନତି ଅଣାଯାଇଥିବାରୁ ଏହା ଉଭୟ ଘରୋଇ ଓ ଆନ୍ତର୍ଜାତିକ ବଜାରରେ ନିୟୁତାଧିକ ଯାତ୍ରୀଙ୍କ ସବୁଠୁ ପସନ୍ଦଯୋଗ୍ୟ ସୁଲଭ ମୂଲ୍ୟରେ ବିମାନ ସେବା ଯୋଗାଇ ଦେଉଥିବା କଂପାନିରେ ପରିଣତ ହୋଇଛି। ଆପେକ୍ସ ତରଫରୁ ଗୋଏୟାରକୁ ସର୍ବୋଚ୍ଚ ଫୋର ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। କେନ୍ଦ୍ର ଏସିଆ ଅଂଚଳର ଏକମାତ୍ର ସୁଲଭ ମୂଲ୍ୟରେ ବିମାନ ସେବା ପ୍ରଦାନ କରୁଥିବା କଂପାନି ଭାବେ ଗୋଏୟାର ଏହି ମାନ୍ୟତା ହାସଲ କରିଛି।ଶ୍ରୀଯୁକ୍ତ ଜେହ ଓ୍ୱାଡିଆ, ପରିଚାଳନା ନିର୍ଦ୍ଦେଶକ, ଗୋଏୟାର କହିଛନ୍ତି ଯେ, "କ୍ରମାଗତ ୧୪ ମାସ ପାଇଁ ଯାତ୍ରୀଙ୍କୁ ଉଲ୍ଲସିତ କରିଥିବାରୁ ମୁଁ ଗୋଏୟାର ଟିମ୍‌କୁ ଅଭିନନ୍ଦନ ଜଣାଉଛି। ନିୟୁତାଧିକ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ସଠିକ ସମୟରେ ପହଂଚାଇ ଖୁସି ବାଂଟିଥିବାରୁ ନିରନ୍ତର ଭାବେ ଯାତ୍ରୀଙ୍କ ପ୍ରଶଂସାର ପାତ୍ର ହୋଇଛୁ। ୧.୪ ନିୟୁତ ଗ୍ରାହକ ଗୋଏୟାରକୁ ଫୋର ଷ୍ଟାର ରେଟିଂ ପ୍ରଦାନ କରିବା ଆଶ୍ଚର୍ଯ୍ୟର ବିଷୟ ନୁହେଁ। ନିରନ୍ତର ଓଟିପି ନେତୃତ୍ୱରୁ ଏହା ଜଣାପଡ଼ିଛି ଯେ ଆମେ ଯାତ୍ରୀଙ୍କ ସମୟ, ଆରାମ ଓ ନିରାପତାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛୁ।''




# ଛାଡ଼ରେ ମନ ଭବେର୍ ଆଶା, ଅଜପା ନାମେ କରରେ ନେଶା...



'ତୁମେ ଅକିଞ୍ଚନ ହୁଅ, ତାଙ୍କ ଛଡ଼ା ତୁମର ଯେପରି ଆଉ କିଛି ବି ନଥାଏ – ତୁମର ଅନ୍ତର – ଆକର୍ଷଣକୁ ବ୍ୟାପୀ ; ଏହା ଭିତରେ – ଦେଇ ତୁମର ସାତ୍ୱତ କୃତି – ଐଶ୍ୱର୍ଯ୍ୟ ଅପର୍ଯ୍ୟାପ୍ତ ହୋଇଉଠୁ – ତାଙ୍କୁ କେନ୍ଦ୍ର କରି ଉତ୍କ୍ରମଣୀ ଅନୁବ୍ୟାପନାରେ; ଏପରି ଯଦି ନ ହୁଏ, – ତେବେ ତୁମର ଧର୍ମ ବି ହେଲା ନାହିଁ, କର୍ମ ବି ହେଲା ନାହିଁ। 'ବନ୍ଦେ ଲୋକତିଳଙ୍କ ସାତ୍ୱତବାର୍ତ୍ତା – ବିଭୂଷଣଂ ଅମର କୃତ୍ୟୁସ୍ୱାରଣଂ ପ୍ରବୁଦ୍ଧଂ ଲୋକଜୀବନଂ ପ୍ରଣୟ – ପ୍ରମତ୍ତ – ଯୋଗଦୀପନଂ ବନ୍ଦେ ଜୀବନ – ଜୀବନଂ ସତ୍ – ପୁରୁଷମ୍।' ଧର୍ମର ଯେତେବେଳେ ବିକୃତି ଘଟେ ସେତେବେଳେ ତା' ସାମ୍ପ୍ରଦାୟିକତାରେ ପରିଣତ ହୁଏ। 'ଯେନାତ୍ମନସ୍ତଥାନ୍ୟେଷାଂ ଜୀବନଂ ବର୍ଦ୍ଧନପଞ୍ଚାପି ଧ୍ରିୟତେ ସ ଧର୍ମଃ।' ଯା' ନିଜର ବଞ୍ଚିବା ଓ ବୃଦ୍ଧି ପାଇବାର ସଙ୍ଗେ ସଙ୍ଗେ ଅନ୍ୟର ବଞ୍ଚିବା ଓ ବୃଦ୍ଧି ପାଇବାକୁ ଧରି ରଖେ ତାହା ହିଁ ଧର୍ମ। ଶ୍ରୀ ଶ୍ରୀ ଠାକୁର ତାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନରେ କୁହନ୍ତି 'ଧର୍ମ କେବେ ବି ବହୁ ହୁଏନା, ଧର୍ମ ଏକ ହିଁ ଆଉ ତାର କୌଣସି ବି ପ୍ରକାର ନାହିଁ। ମତ ବହୁ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ। କିନ୍ତୁ ତା'ବୋଲି ଧର୍ମ ବହୁ ହୋଇ ପାରେନା। ହିନ୍ଦୁଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ୍ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାରଭେଦ – ଗୋଟିଏକୁ ନାନା ପ୍ରକାରରେ ଏକରୂପେ ଅନୁଭବ। ସବୁ ମତ ହିଁ, ସାଧନା ବିସ୍ତାର ପାଇଁ, ତେବେ ତାହା ନାନା ପ୍ରକାରରେ ଏକରୂପେ ଅନୁଭବ। ସବୁ ମତ ହିଁ ସାଧନା ବିସ୍ତାର ପାଇଁ, ତେବେ ତାହା ନାନାପ୍ରକାରରେ ହୋଇପାରେ। ଆଉ ଯେତିକି ବିସ୍ତାର ହେଲେ ଯାହା ହୁଏ ତାହା ହିଁ ଅନୁଭୂତି, ଜ୍ଞାନ। ତେଣୁ ଧର୍ମ ଅନୁଭୂତିର ଉପରେ।' ପ୍ରକୃତ ସ୍ୱାଧୀନତା ଅର୍ଜନ କରିବାକୁ ହେଲେ ପ୍ରତ୍ୟେକଟି ମଣିଷକୁ ପ୍ରକୃତ ମଣିଷରୂପେ ଗଢ଼ି ହେବାକୁ ହେବ, ପ୍ରତିଟି ଗ୍ରାମକୁ ଉନ୍ନତ କରିବାକୁ ହେବ, ପରମୁଖାପେକ୍ଷିତାକୁ ପରିହାର କରିବାକୁ ହେବ। ହିନ୍ଦୁ–ମୁସଲମାନ–ଖ୍ରୀଷ୍ଟିୟାନ ବିଭିନ୍ନ ମତାବଲମ୍ବୀମାନଙ୍କର ଏଇ ମିଳନକ୍ଷେତ୍ର ଦେଖି ସମସ୍ତେ ହିଁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ। ସତ୍‌ସଙ୍ଗ ଆଶ୍ରମ ହୋଇ ଉଠିଥିଲା ମଣିଷ ଗଢ଼ିବାର କାରଖାନା ଆଉ ଶ୍ରୀ ଶ୍ରୀ ଠାକୁର ଥିଲେ ଏଇ ମଣିଷ ଗଢ଼ିବାର କାରିଗର। ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଥିଲେ ମଣିଷ କାଙ୍ଗାଳ। ସାରା ଜୀବନରେ ତାଙ୍କର ଗୋଟିଏ ମାତ୍ର ଚାହିଦା ଥିଲା – ତା'ହେଲା ମଣିଷର ଚାହିଦା। ପ୍ରତିଟି ମଣିଷର ସର୍ବାଙ୍ଗୀନ ମଙ୍ଗଳ ତଥା ଜୀବ ଓ ଜଗତର ପ୍ରତିଟି ଅଣୁ ପରମାଣୁର କଲ୍ୟାଣ ସାଧନ ହିଁ ଥିଲା ତାଙ୍କ ଜୀବନର ବ୍ରତ। ସେ ନିଜେ ହିଁ କହନ୍ତି 'ପିଲାବେଳୁ ମୋର ଗୋଟିଏ ବେଉସା – ସେ ହେଲା ମଣିଷ ଚାହିଁବା। ଗୋଟିଏ ସାମ୍ରାଜ୍ୟର ବିନିମୟରେ ବି ମୁଁ ଗୋଟିଏ ମଣିଷ ତ୍ୟାଗ କରିବାକୁ ପ୍ରସ୍ତୁତ ନୁହେଁ। ଗୋଟିଏ ମଣିଷକୁ ମଣିଷ କରି ତୋଳିବା ପାଇଁ ଯଦି ଗୋଟାଏ ସାମ୍ରାଜ୍ୟ ବିନିର୍ବ୍ୟୟ କରିଦେବାକୁ ହୁଏ ସେଥିରେ ବି ମୁଁ କୁଣ୍ଠିତ ନୁହେଁ।

'ଆନନ୍ଦଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ, ଆନନ୍ଦେନ ଜାତାନି ଜୀବନ୍ତି, ଆନନ୍ଦଂ ପ୍ରୟସ୍ତ୍ୟରିସଂବିଶ୍ୟନ୍ତି' – ଏଇ ହେଲା ଉପନିଷଦର ବାଣୀ। ଏଇ ଆନନ୍ଦ ଉଚ୍ଛ୍ୱାସ ପ୍ରାଚୀନ ସାହିତ୍ୟର ଛତ୍ରେ – ଛତ୍ରେ। ଜୀବନକୁ ଯେଉଁମାନେ ପ୍ରକାଶ କରିବାକୁ ଚାହିଁଛନ୍ତି ସେଇମାନେ ଏଇ ସାଧନା ହିଁ ଗ୍ରହଣ କରିଛନ୍ତି। ପୁଣି କେବଳ ସୁନ୍ଦର ନୁହେଁ, କେବଳ ଆନନ୍ଦ ନୁହେଁ, ସତ୍ୟ କୁ ବି ଉନ୍ମୁକ୍ତ କରିବା ଦରକାର। ଯା' ଅନ୍ଧକାରରେ ଆଚ୍ଛାନ୍ନ ହୋଇଅଛି। ତାକୁ ଅନାବୃତ କରିବାକୁ ହେବ। ଉପନିଷଦର ଋଷି ସେଇ ସତ୍ୟକୁ ଉପଲବ୍ଧି କରି କହିଛନ୍ତି – 'ବେଦାହମେତଂ ପୁରୁଷଂ ମହାନ୍ତଂ ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ' ତାଙ୍କୁ ଉପଲବ୍ଧି କରିବା ପାଇଁ ହିଁ ଋଷିଗଣ ସାଧନା କରିଛନ୍ତି। ସେଇ ସତ୍ୟର ରୂପ ଭାଷାରେ ତୋଳି ଧରନ୍ତି ସାହିତ୍ୟିକ। ବେଦ, ଉପନିଷଦ ଚିରକାଳର ଅନବଦ୍ୟ ଗ୍ରନ୍ଥ। ରାମାୟଣ ଓ ମହାଭାରତରେ ଅଛି ଶ୍ରେଷ୍ଠ ସାହିତ୍ୟରସ। ଶାକ୍ତ ପଦାବଳୀ, ବୈଷ୍ଣବ ପଦାବଳୀ, ଯାତ୍ରା, କବିଗାନ ପ୍ରଭୃତି ମଧ୍ୟରେ ଧର୍ମ ଓ ସାହିତ୍ୟର ଯୋଗ ଅକ୍ଷୁନ୍ନ ରହିଛି ପ୍ରାଚୀନ କାଳରୁ। ସାହିତ୍ୟିକ ନିଜ ଅନ୍ତରରୁ ପ୍ରେରଣା ପାଏ, ଆଉ ପ୍ରେରଣା ଆସେ ତାର ସମସାମୟିକ ଦେଶ ଓ ପରିବେଶରୁ। ସେଥିପାଇଁ ସାହିତ୍ୟିକର ରଚନାରେ ତଦାନୀନ୍ତନାକାଳର ଛାପ ହିଁ ରହିଯାଏ। ସାହିତ୍ୟିକର ଦୃଷ୍ଟି ସୁଦୂରପ୍ରସାରୀ। ପୁଣି, ଦେଶାତ୍ମବୋଧକ ମଧ୍ୟ ଉଜ୍ଜୀବିତ କରିଥାଏ ସାହିତ୍ୟ। ଫ୍ରାନ୍ସ, ରୁଷିଆ, ଇଟାଲୀ, ଉନ୍ନବିଂଶ ଶତାବ୍ଦୀର ବଙ୍ଗଳା ସାହିତ୍ୟ ସବୁହିଁ ଦେଶରେ ଅଗ୍ନି ପ୍ରଜ୍ୱଳିତ କରିଛନ୍ତି। ପଲାସୀ ଯୁଦ୍ଧର ଅଗ୍ନିମୟ, ବଙ୍କିମଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଧ୍ୱନି ବଙ୍ଗାଳୀର ଶକ୍ତି – ସାମର୍ଥ୍ୟକୁ ଉଜ୍ଜୀବିତ କରି ତୋଳିଛି। ରବୀନ୍ଦ୍ରନାଥ, ଦ୍ୱିଜେନ୍ଦ୍ରଲାଲ, ଅତୁଲପ୍ରସାଦ, ସତ୍ୟେନ ଦତ୍ତ – ଏମାନଙ୍କର ସାହିତ୍ୟ ଥିଲା ଭାରତର ଗୌରବ। ଯତୀନ୍ଦ୍ରନାଥ, ଗିରିଶ ଘୋଷ, କ୍ଷୀରୋଦ ପ୍ରସାଦ, ମନ୍ମଥ ରାୟ – ଏମାନଙ୍କର ନାଟକବି ସ୍ୱଦେଶୀଭାବକୁ ସୃଷ୍ଟି କରିଛି। ଆଜି ସ୍ୱାଧୀନତା ଲାଭ ପରେ ସେହି ସାହିତ୍ୟିକ ମାନଙ୍କୁ ପ୍ରଣାମ ଜଣାଏ। ସାହିତ୍ୟିକ କିନ୍ତୁ ତଥାକଥିତ ରାଜନୀତି, ସମାଜନୀତି ପ୍ରଭୃତି ସବୁ ନୀତର ଉର୍ଦ୍ଧ୍ୱରେ ଅବସ୍ଥାନ କରିବେ। ଶାଶ୍ୱତ ସତ୍ୟ – ସୁନ୍ଦରର ସାଧନାରେ ରତ ରହିବେ ସେ। ସାହିତ୍ୟ ଜୀବନର ସବୁ କିଛିକୁ ଗ୍ରହଣ କରିବ, ବର୍ତ୍ତମାନକୁ ଆଲୋକିତ କରିବ, ପୁଣି ଭବିଷ୍ୟତରେ ପଥ ନିର୍ଦ୍ଦେଶ କରିବ। ଚାଲୁ ଚାଲୁ ମଣିଷ ଅଟକିଯାଏ, ସ୍ୱୀୟ ଗଣ୍ଡି ମଧ୍ୟରେ ସୀମାବଦ୍ଧ ହୋଇପଡ଼େ। ସେତେବେଳେ ହିଁ ସାହିତ୍ୟିକ ଦେବେ ସତ୍ୟପଥର ସନ୍ଧାନ। ଅମୃତପଥରେ ଚାଲିବାର ବାଣୀ।'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ସହ-ପ୍ରତି ଋତ୍ୱିକ, ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ, ଦୂରଭାଷ : ୯୪୩୭୦୫୧୯୫୭

# ଅନ୍‌ଲାଇନ୍‌ର 'ନୀଳତିମି' ନେଉଛି ପିଲାଙ୍କ ଜୀବନ



ଭୁବନେଶ୍ୱର (ପିଏନ୍): ଆପଣଙ୍କ ପିଲା ଏକାନ୍ତରେ ନିଜ ମୋବାଇଲ, କମ୍ପ୍ୟୁଟର କି ସାଇବରରେ ଘଣ୍ଟା ଘଣ୍ଟା ଧରି ବସି ଗେମ୍ ଖେଳୁନି ତ ? କାହା ସହ ବେଶୀ ନ ମିଶି ଚୁପ୍‌ଚାପ କିଛି ଭାବୁନି ତ ? ଖାଇବା, ପାଠପଢ଼ା ଓ ଶୋଇବାରେ ତାର କିଛି ବ୍ୟତିକ୍ରମ ଦେଖା ଦେଉନିତ ? ଆରେ ଆରେ, ତାହାଲେ ଆପଣଙ୍କ ପିଲା 'ନୀଳତିମି'ର ନିଶାରେ ପଡ଼ିନି ତ ? କଥା ଏତିକିରେ ଅଟକି ନି, କାଗଜ କି ନିଜ ଶରୀରର କୌଣସି ଅଙ୍ଗରେ ନୀଳତିମିର ରକ୍ତ ଚିତ୍ର ହେଉ ବା ଚିତା କଟା ଏପରି କିଛି କରୁନିତ ? ଯଦି ଏପରି କିଛି ହେଉଥାଏ ତେବେ ଏହାକୁ ଆପଣ ଗମ୍ଭୀରତାର ସହ ନିଅନ୍ତୁ ତୁରନ୍ତ ସତର୍କ ହୁଅନ୍ତୁ ଏବଂ ନିଜ ପିଲାକୁ ଏପରି ଭୟାନକ ମୃତ୍ୟୁର ଖେଳରୁ ନିବୃତ୍ତ କରନ୍ତୁ। କହିବା ନିଷ୍ପ୍ରୟୋଜନ ଯେ ପୃଥିବୀର ସବୁଠାରୁ ବଡ଼ ଜୀବ କୁହାଯାଉଥିବା ନୀଳତିମିକୁ ନେଇ ଅନେକ ରୋଚକ କାହାଣୀ ଲୋମହର୍ଷକାରୀ ସିନେମା ତିଆରି ହୋଇଛି ମାତ୍ର ଏବେ ଅନ୍ୟ ଏକ ରୂପରେ ଏହି ନୀଳତିମି ବା ବ୍ଲୁ ହ୍ୱେଲ୍ ସାରା ବିଶ୍ୱର ତରୁଣ ପୀଢ଼ି ବିଶେଷକରି କୋମଳମତି ଛାତ୍ରଙ୍କୁ ତା ନିଶାରେ କବଳିତ କରିବାରେ ଲାଗିଛି। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଏହା ଯେ ନୀଳତିମିର ମାୟାଜାଲରେ ଫସି ଇତିମଧ୍ୟରେ ବିଭିନ୍ନ ଦେଶର ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ପିଲାଙ୍କ ଜୀବନ ଦୀପ ନିର୍ବାପିତ ହେଲାଣି। ଏହି ମୃତ୍ୟୁର ଖେଳ କେବଳ ବିଦେଶରେ ନୁହେଁ ଆମ ଦେଶରେ ବି ପହଞ୍ଚି ସାରିଛି। ମୁମ୍ବାଇର ଜଣେ ଚଉଦ ବର୍ଷ ବୟସର ଛାତ୍ର ପାଞ୍ଚମହଲା କୋଠା ଉପରୁ ଡେଇଁ ପଡ଼ିବା ପରେ, ଭୋପାଳର ଜଣେ କନଭେଣ୍ଟ ସ୍କୁଲର ଛାତ୍ର ନିଜ ହାତ ଶିରା କାଟି ମୃମୁର୍ଷୁ ଅବସ୍ଥାରେ ପହଞ୍ଚିବା ପରେ ଏହାକୁ ନେଇ ସମଗ୍ର ଦେଶରେ ଏକ ପ୍ରକାର ଚାଞ୍ଚଲ୍ୟ ଖେଳି ଯାଇଛି। ତେବେ ଇତିମଧ୍ୟରେ ମୁମ୍ବାଇରେ ବିଭିନ୍ନ ସ୍କୁଲରେ କିଛି ଦିନ ପାଇଁ ପାଠପଢ଼ା ବନ୍ଦ ରଖାଯାଇ ମନବିଜ୍ଞାନୀଙ୍କ ସହାୟତା ନିଆଯାଇ ଏ ବିଷୟରେ ସଚେତନତା କରାଯାଉଛି। ପ୍ରସଙ୍ଗ ହେଉଛି ପିଲାଙ୍କ ପାଇଁ ଏହି ମାୟାବିନୀ ମୃତ୍ୟୁଦୂତ ନୀଳତିମିଟି କ'ଣ ? ଏହା ହେଉଛି ଏକ କମ୍ପ୍ୟୁଟର ଗେମ୍। ଯାହା ମୋବାଇଲରେ ବି ଉପଲବ୍ଧ। ଚାରି ବର୍ଷ ତଳେ ଏହି ଗେମ୍ ଋଷିଆରେ ସୃଷ୍ଟି ହୋଇଥିଲା। ପରେ ପରେ ଆମେରିକା, ବ୍ରିଟେନ୍, ବ୍ରାଜିଲ, ଜର୍ମାନ, ଜାପାନ ପରି ସାଇବରରେ ଅତ୍ୟନ୍ତ ଆଗୁଆ ଓ ବିକଶିତ ଦେଶରେ ଏହାର କ୍ରେଜ୍ ବଢ଼ି ସମଗ୍ର ବିଶ୍ୱକୁ ବ୍ୟାପି ଯାଇଛି। ସେହିପରି ଭାରତରେ ଅନେକ ସ୍କୁଲ ଓ କଲେଜ ପିଲାଙ୍କ ଭିତରେ ଏହି ଗେମ ଦ୍ରୁତ ଗତିରେ ପ୍ରସାର ଲାଭ କରିବାରେ ଲାଗିଛି। ଏହି ଖେଳ ଖେଳୁଥିବା ବେଳେ ବିଭିନ୍ନ ଅବାନ୍ତର ଓ ଦୁଃସାହସିକ କାମ କରିବାକୁ ନିର୍ଦ୍ଦେଶ ଦିଆଯାଏ। ପିଲାମାନଙ୍କ ଭିତରେ ଏକ ପ୍ରତ୍ୟୟ ବା ଶକ୍ତି ସୃଷ୍ଟି କରାଯାଇଥାଏ ଯେ ସେମାନେ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର, ଅସାଧାରଣ ଓ ଶକ୍ତିଶାଳୀ। ପିଲାମାନେ ଏକ ପ୍ରକାର ସମ୍ମୋହିତ ହୋଇ ଏହି ଗେମ୍ ଖେଳୁଥିବା ବେଳେ ନିଜ ହିତାହିତ ଜ୍ଞାନ ହରାଇ ତାଙ୍କୁ କମାଣ୍ଡ କରୁଥିବା ଚରିତ୍ରର ପଦକ୍ଷେପକୁ ମାନିନେଇଥାଏ। କେବଳ ସେତିକି ନୁହେଁ ପିଲାଟି ଅଧିକ ଭାବପ୍ରବଣ ହୋଇ ନିଜକୁ କ୍ଷତ ବିକ୍ଷତ କରିବା, ଶରୀରରେ ନୀଳତିମିର ରକ୍ତ ଚିତ୍ର ଆଙ୍କିବା ଠାରୁ ଆରମ୍ଭ କରି ଆହୁରି ବିଭିନ୍ନ ଦୁଃସାହସିକ କାର୍ଯ୍ୟ ପାଇଁ ଏହି ଗେମ୍‌ର ଚରିତ୍ର ନିର୍ଦ୍ଦେଶ ଦେଉଥିବାରୁ ଆଗପଛ ନଭାବି ଏହାକୁ କୋମଳମତି ପିଲାଟି ମାନିନେଇଥାଏ। କେବଳ ସେତିକିନୁହେଁ ଏମିତିକି ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେବାକୁ ବି ପଛାଇ ନଥାଏ। କେତେକ କ୍ଷେତ୍ରରେ ପିଲାମାନେ ଏ ସବୁକୁ ରେକର୍ଡ଼ିଂ କରି ଗେମ୍ ସାଇଟରେ ଅପଲୋଡ଼ କରୁଛନ୍ତି ଓ ନିଜ ସାଙ୍ଗ ସାଥୀକୁ ବି ପଠାଉଛନ୍ତି। ଆପଣମାନେ ମନେପକାନ୍ତୁ କିଛି ବର୍ଷ ତଳେ ଟିଭିର ଲୋକପ୍ରିୟ 'ଶକ୍ତିମାନ' ଧାରାବାହିକ ଦେଖି କିଛି ପିଲା ନିଜକୁ ସେହି ଚରିତ୍ର ଭିତରେ ପୁରାଇ ଏକ ପ୍ରକାର ଉନ୍ମାଦରେ ଅନେକ ହିତାହିତ ଜ୍ଞାନ ହରାଇ ନାନା ରକମର ଦୁଃସାହସିକ କାର୍ଯ୍ୟକୁ ନିଜ ଜୀବନରେ ଲଗାଇବାକୁ ନପଛାଇ କେଉଁଠି କ୍ଷତବିକ୍ଷତ ହେଉଥିଲେ ତ କେଉଁଠି ନିଜ ଜୀବନ ବି ହରାଇଛନ୍ତି। ଆଜି ସୂଚନା ପ୍ରଯୁକ୍ତି ସମସ୍ତଙ୍କ ହାତପାହାନ୍ତାରେ ଉପଲବ୍ଧ ବିଶେଷକରି ଅନେକ ବାପା–ମା ନିଜ ପିଲାଙ୍କୁ ମୋବାଇଲ ଫୋନ, ଟାବ୍‌ଲେଟ ଓ ନାନା ରକମର ଛୋଟ ଛୋଟ କମ୍ପ୍ୟୁଟର ପିଲାଙ୍କୁ ଦେଉଛନ୍ତି। ତେବେ କୋମଳମତି ପିଲାମାନେ କିଛି ନ ବୁଝି ଅନ୍ୟମାନଙ୍କ ପ୍ରରୋଚନାରେ ନିଜକୁ ନିଜେ ବୁଧିଆ ଓ ଆଗୁଆ ଭାବେ ଚିନ୍ତା କରି ବେଳେ ବେଳେ ଦୁଃସାହସିକ କାରନାମାକୁ ଆପଣାଇ ନିଜ ଜୀବନକୁ ହରାଇବାକୁ ପଛାଉ ନାହାନ୍ତି। ଏ କ୍ଷେତ୍ରରେ ପିଲାଟିର ପିତାମାତା, ଅଭିଭାବକ, ଆତ୍ମୀୟସ୍ୱଜନ ଓ ଶିକ୍ଷାୟତନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୁରୁ ଦାୟିତ୍ୱ ରହିଛି। ପିଲାମାନଙ୍କୁ ବୟସ ଅନୁସାରେ ଆଜିର ସୂଚନା ପ୍ରଯୁକ୍ତିର ରାସ୍ତା ଦେଖାନ୍ତୁ। ପିଲାଟି ଏକାନ୍ତରେ ରହିବା ପାଇଁ ଚାହୁଁଥିଲେ ବା ତାର ଚାଲିଚଳନ, ଖାଇବାପିଇବା, ମିଳାମିଶା, ଆଚାରବ୍ୟବହାର, ପାଠପଢ଼ା, ଖାଇବା ଓ ଶୋଇବାରେ ବ୍ୟତିକ୍ରମ ଦେଖୁଥିଲେ ତୁରନ୍ତ ସତର୍କ ରୁହନ୍ତୁ। ଶିଶୁରୋଗ ବିଶେଷଜ୍ଞ ବା ଶିଶୁ ମନସ୍ତତ୍ତ୍ୱବିତ୍‌ଙ୍କ ତୁରନ୍ତ ସହାୟତା ନିଅନ୍ତୁ। ଆପଣମାନେ ଭୁଲି ଯାଆନ୍ତୁ ନାହିଁ ଯେ ଆପଣଙ୍କ ପିଲା ହେଉଛି ଆପଣଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେଥିପାଇଁ କୁହାଯାଏ ଆଜିର ପିଲା ଆସନ୍ତା କାଲିର ସ୍ୱର୍ଣ୍ଣିମ ଭବିଷ୍ୟତ। ପିଲାଟିକୁ ଆପଣମାନେ ଇଣ୍ଟରନେଟ୍‌ର କଳା କୌଶଳ ଶିଖାନ୍ତୁ ଏହା ମନାନୁହେଁ କିନ୍ତୁ ଏହା ପିଲାଟିର ଜୀବନକୁ ଯେପରି ଭୁଲ ରାସ୍ତାରେ ନ ନିଏ। ପିଲାଙ୍କ ପାଇଁ ଗୋଟିଏ ଭଲ ରୁଟିନ୍ ଆପଣ ତିଆରି କରନ୍ତୁ। ସେ ଯେପରି ଠିକ୍ ସମୟରେ ସକାଳୁ ବିଛଣା ଛାଡ଼େ, ଯୋଗ ପ୍ରାଣାୟମ, ବ୍ୟାୟାମ, କୁସ୍ତିକସରତ ଖୁବ୍ ଭଲ। ତାର ପାଠପଢ଼ା, ଖାଇବା ପିଇବା, ସାଙ୍ଗମାନଙ୍କ ସହ ମିଳାମିଶା, ବିଶ୍ରାମ ନେବାକୁ ଆପଣ ନଜର ରଖନ୍ତୁ। ପିଲାମାନଙ୍କୁ ସୂଚନା ପ୍ରଯୁକ୍ତି ଜ୍ଞାନ ଶିଖାଇଲା ବେଳେ ନିଜ ଆପଣ ନଜର ରଖନ୍ତୁ। ଖୁବ୍ ଭଲ ହେବ ପିଲାମାନଙ୍କୁ ଆଧ୍ୟାତ୍ମିକମୟ ଜୀବନ ଜୀଇବା ପାଇଁ ଏକ ଦିବ୍ୟ ପଥ ଦେଖାଇବା। ଦେଖିବେ ନୀଳତିମି କ'ଣ ବା କୌଣସି ଅଜଣା ଇଣ୍ଟରନେଟ୍‌ର ତଥାକଥିତ ଭୂତ ଆପଣଙ୍କ ପିଲାର କିଛି ବି କ୍ଷତି କରିପାରିବ ନାହିଁ। ବରଂ ଏହି ସୂଚନା ପ୍ରଯୁକ୍ତିର ଜ୍ଞାନ ପିଲାଟିକୁ ବିକଶିତ କରାଇ ତାକୁ ଆହୁରି ଆଗକୁ ନେଇପାରିବ।

**(ସୌଜନ୍ୟ: ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ସହଯୋଗୀ ପ୍ରଫେସର, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪)**

# ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ କବିବର ରାଧାନାଥ ରାୟଙ୍କ ସ୍ମୃତିଚାରଣ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ଓଡ଼ିଶାର ସୁନାମଧନ୍ୟ ବରପୁତ୍ର, କବି, ଲେଖକ, ଶିକ୍ଷାବିତ୍, ସାହିତ୍ୟିକ, କବିବର ରାଧାନାଥ ରାୟଙ୍କର ପ୍ରତିମୂର୍ତ୍ତି ସ୍ଥଳଠାରେ ସଫେଇ କାର୍ଯ୍ୟ ସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅତୁଳନୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାପ୍ରାଣ ଓଡ଼ିଶାର କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତିସ୍ଥଳଠାରେ ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, କବିବରଙ୍କର ଅମ୍ଳାନ ତଥା ସ୍ମରଣୀୟ କୃତି ମଧ୍ୟରୁ 'ଚିଲିକା', 'ଚନ୍ଦ୍ରଭାଗା' ତଥା ରାଧାନାଥ ଗ୍ରନ୍ଥାବଳୀ ଓଡ଼ିଶାକୁ ଅମୂଲ୍ୟ ଦାନ। ସୌନ୍ଦର୍ଯ୍ୟପ୍ରିୟ କବିବର ରାଧାନାଥ ରାୟ ତାଙ୍କ ସାହିତ୍ୟକୃତି ଓ କବିତା ମାଧ୍ୟମରେ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷିରେ ଅଭିଯାନର ବରିଷ୍ଠ ସଦସ୍ୟ ବ୍ରଜବନ୍ଧୁ ପରିଡ଼ା ମତ ରଖିଥିଲେ ଯେ, ସରକାର ବରପୁତ୍ର ଓ ସହୀଦ୍‌ମାନଙ୍କର ନାମାକ୍ଷର ବଡ଼ ଫଳକ ସହ ତାଙ୍କ କୃତି ସମ୍ବନ୍ଧରେ କିଛି ତଥ୍ୟ ପ୍ରଦାନ କରନ୍ତୁ। ତତ୍‌କ୍ଷଣାତ୍ ଏହା ଅଧ୍ୟକ୍ଷଙ୍କ ସହିତ ସମସ୍ତ ସଭ୍ୟଙ୍କ ଦ୍ୱାରା ଗୃହୀତ ହୋଇଥିଲା। ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତ ରଖିଥିଲେ ଯେ, ରାଜ୍ୟ ସରକାରଙ୍କୁ ଏ ବିଷୟରେ ଏକ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯିବ। ଅବଶ୍ୟ ରାଜ୍ୟ ସରକାରଙ୍କ ଉପରେ ଅଭିଯାନର ପ୍ରଭାବ ପଡ଼ିବାରେ ଲାଗିଛି। ଫଳସ୍ୱରୂପ ପ୍ରାୟ ବରପୁତ୍ର ଓ ସହୀଦମାନଙ୍କ ସ୍ମୃତିସ୍ଥଳ ସଫେଇ ପ୍ରତିମୂର୍ତ୍ତିମାନଙ୍କ ସୁରକ୍ଷା ବାବଦରେ ବିହୀତ ପଦକ୍ଷେପ ଗ୍ରହଣ କରାଯାଇଛି।

ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର କାର୍ଯ୍ୟଧାରା ଓଡ଼ିଶାର କିଛି ପ୍ରାନ୍ତରେ ଆରମ୍ଭ କରାଯାଇଛି। ପୁରୀ, ଖୋର୍ଦ୍ଧା, ନିମାପଡ଼ା, ବାଙ୍କୀ, କେନ୍ଦୁଝର ପ୍ରମୁଖ ଶାଖା ଅଭିଯାନର କାର୍ଯ୍ୟଧାରା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ସହ ବୃକ୍ଷରୋପଣ ଓ ବିଭିନ୍ନ ସାମାଜିକ କାର୍ଯ୍ୟମାନ କରୁଛନ୍ତି। ଅଭିଯାନର ଆବାହକ କିଶନ ବରାଇ ଓ ସହ ସଂଯୋଜକ ନାରାୟଣ ଓଝା ସହ ସାମିଲ ହୋଇଥିଲେ ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ସୁରେନ୍ଦ୍ର କୁମାର ସାହୁ, କୈଳାସ ମୁଦୁଲି, ଲକ୍ଷ୍ମଣ ଦାସ, ବୁଦ୍ଧିମାନ ନାୟକ, ନିରଞ୍ଜନ ସାହୁ, ସିତାଂଶୁ ଶେଖର ମହାରଣା, ବିଜୟ ମଲ୍ଲ, ବି ମୁରଲୀଧର, ମନ୍‌ଜିତ୍ କୌର, ଡଃ ଅସିତ୍ ଦାସ, ନାରାୟଣ ଖୁଣ୍ଟିଆ, ମନୋରଞ୍ଜନ ବାରିକ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସମିତା ମହାରଣା, ଶିବ ଶଙ୍କର ଡାକୁଆ, ତନ୍ମୟ ସାମନ୍ତରାୟ, ବିଜୟ ମଲ୍ଲ, ସଂଗ୍ରାମ ବଳିୟାର ସିଂ, ମୁକ୍ତିକାନ୍ତ ଦାସ, ମଦନମୋହନ ପାଢ଼ୀ, ବିନ୍‌ଦାସ୍ ଚିନୁ, ବସୁବନ୍ଧୁ ଦାସ, ନୀଳମଣି ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ ଓ ସଫେଇ କାର୍ଯ୍ୟରେ ଯୋଗଦେଇଥିଲେ ବୋଲି ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ଭାରତର ରାଷ୍ଟ୍ରପତିଙ୍କୁ ବ୍ରହ୍ମା କୁମାରୀ ଆଶ୍ରମ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ଭୁବନେଶ୍ୱର (ପିଏନ୍)–ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ୬୪–ଫରେଷ୍ଟ ପାର୍କ ତରଫରୁ ବ୍ରହ୍ମା କୁମାରୀ ଲୀନା, ବ୍ରହ୍ମା କୁମାର ବିଜୟ, ପ୍ରଫୁଲ୍ଲ, ମଧୁ ଓ ସଂଯୁକ୍ତା ଭାରତର ରାଷ୍ଟ୍ରପତି ମହାମହିମ ରାମନାଥ କୋବିନ୍ଦଙ୍କୁ ଦେଖାକରି ଫୁଲତୋଡା ଏବଂ ଶାଲ ପ୍ରଦାନକରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଂସ୍ଥାର ମୁଖ୍ୟାଳୟ ମାଉଣ୍ଟ ଆବୁ ପରିଦର୍ଶନରେ ଯିବା ପାଇଁ ତାଙ୍କୁ ନିମନ୍ତ୍ରଣ ଦେଇଥିଲେ। ଯାହା ସେ ସ୍ୱୀକାର କରି କହିଥିଲେ କି ବହୁତ ଥର ଯିବାପାଇଁ ପ୍ରୋଗ୍ରାମ କରି ମଧ୍ୟ ଯାଇପାରିନାହିଁ। ଆସନ୍ତା ନଭେମ୍ବର ମାସରେ ନିଶ୍ଚିତ ଯିବି। ସଂସ୍ଥା ତରଫରୁ ଈଶ୍ୱରୀୟ ପୁସ୍ତକ ଏବଂ ରସଗୋଲା ଭୋଗ ମହାମହିମ ରାଷ୍ଟ୍ରପତିଙ୍କୁ ଶେଷରେ ଦିଆଯାଇ ଥିଲା। ବ୍ରହ୍ମା କୁମାରୀ ଲୀନା କହିଲେ ସାର ଆପଣଙ୍କୁ ଯେଉଁ ଭୋଗ ଦିଆଯାଇଛି ତାହା ଆଶ୍ରମର ଭଉଣୀମାନେ ବହୁତ ପ୍ୟାରରେ ବନାଇଛନ୍ତି, ଆପଣ ଖାଇବେ। ମହାମହିମ ରାଷ୍ଟ୍ରପତି ହସି ହସି ତାହା ନିଶ୍ଚିତ ଖାଇବେ ବୋଲି ଜଣାଇଥିଲେ।

# ତେଲେଙ୍ଗାନାରେ ୪୮୫୬୩ ପରିବହନ କର୍ମଚାରୀ ଓ ଉତ୍ତର ପ୍ରଦେଶରେ ୨୫୦୦୦ ଗୃହରକ୍ଷୀଙ୍କ ଛଟେଇ ବିରୋଧରେ ଗଣପ୍ରତିବାଦ



ଭୁବନେଶ୍ୱର (ପିଏନ୍): ତେଲେଙ୍ଗାନା ସରକାରଙ୍କ ଦ୍ୱାରା ୪୮୫୬୩ ପରିବହନ କର୍ମଚାରୀ ଓ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ୨୫୦୦୦ ଗୃହରକ୍ଷୀମାନଙ୍କୁ ବହିଷ୍କାର ନିର୍ଦ୍ଦେଶ ଅବିଳମ୍ବେ ରଦ୍ଦ କରିବା ଦାବିରେ ବିଭିନ୍ନ ଶ୍ରମିକ ସଂଗଠନ ଓ ମାନବିକ ଅଧିକାର ସଂଗଠନ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଏକ ଗଣପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଘରୋଇକରଣ ବିରୁଦ୍ଧରେ ତେଲେଙ୍ଗାନା ପରିବହନ କର୍ମଚାରୀଙ୍କ ସଂଘର୍ଷ ଓ ସୁପ୍ରିମକୋର୍ଟଙ୍କ ସମାନ କାମକୁ ସମାନ ଦରମା ରାୟ ଆଧାରରେ ନିଜର ଚାକିରୀର ସ୍ଥାୟିତ୍ୱ ଦାବି କରୁଥିବା ଉତ୍ତର ପ୍ରଦେଶ ଗୃହରକ୍ଷୀମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଏହି ପ୍ରତିବାଦ ଆୟୋଜନ କରାଯାଇଥିଲା। ନିଜର ଅଧିକାର ପାଇଁ ଓ ଘରୋଇକରଣ ବିରୋଧରେ ସଂଗ୍ରାମ କରୁଥିବା ତେଲେଙ୍ଗାନା ରାଜ୍ୟ ପରିବହନ କର୍ମଚାରୀଙ୍କୁ ଓ ଉତ୍ତର ପ୍ରଦେଶର ଗୃହରକ୍ଷୀମାନଙ୍କର ଅଗଣତାନ୍ତ୍ରିକ ବହିଷ୍କାର ଆଦେଶକୁ ପ୍ରତିବାଦକାରୀମାନେ ତୀବ୍ର ଭର୍ତ୍ସନା କରିବା ସହିତ ତୁରନ୍ତ ସେମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତେଲେଙ୍ଗାନାର ପରିବହନ କର୍ମଚାରୀ ୟୁନିୟନ ଦ୍ୱାରା ଦାବିପତ୍ର ଦିଆଯିବାର ଏକମାସ ପର୍ଯ୍ୟନ୍ତ ମ୍ୟାନେଜମେଣ୍ଟ ଓ ରାଜ୍ୟ ସରକାର ୟୁନିୟନ କର୍ମକର୍ତ୍ତାଙ୍କ ସହିତ କୌଣସି ଆଲୋଚନା ନ କରିବାରୁ ଶ୍ରମିକମାନେ ବାଧ୍ୟ ହୋଇ ଧର୍ମଘଟ ଆରମ୍ଭ କରିଥିଲେ। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ସରକାର ଏହି ଧର୍ମଘଟକୁ ବେଆଇନ୍ ଘୋଷଣା କରିବା ସହିତ ୪୮୫୬୩ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି ଯାହା ରାଜ୍ୟ ସରକାରମାନଙ୍କର କର୍ପୋରେଟ ଦଲାଲୀର ଏକ କୁତ୍ସିତ ଉଦାହରଣ। ରାଜ୍ୟ ପରିବହନ କର୍ମଚାରୀଙ୍କ ଏହି ସଂଗ୍ରାମ ରାଜ୍ୟ ପରିବହନ ବ୍ୟବସ୍ଥାକୁ ଘରୋଇ ସଂସ୍ଥାମାନଙ୍କ ହାତରେ ଟେକିଦେବାର ହୀନ ଚକ୍ରାନ୍ତ ବିରୁଦ୍ଧରେ ଏକ ବଳିଷ୍ଠ ପ୍ରତିବାଦ ବୋଲି ସେମାନେ ବର୍ଣ୍ଣନା କରିଥିଲେ। ସଙ୍କଟ ସମୟରେ ଏହି ସଂଘର୍ଷରତ କର୍ମଚାରୀମାନଙ୍କ ଆନ୍ଦୋଳନକୁ ବିଭିନ୍ନ ଶ୍ରମିକ ସଂଗଠନ ଓ ମାନବିକ ଅଧିକାର ସଂଗଠନ ଦୃଢ଼ ସମର୍ଥନ ଜ୍ଞାପନ କରିବା ସହିତ ଏହି ଶ୍ରମିକ ବିରୋଧୀ ଅଗଣତାନ୍ତ୍ରିକ କାର୍ଯ୍ୟ ବିରୋଧରେ ଏକତ୍ର ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେମାନେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତି, ଶ୍ରମିକ ବିରୋଧୀ ଶ୍ରମ ସଂହିତା ବାତିଲ୍, ଠିକା ଶ୍ରମ ପ୍ରଥା ରଦ୍ଦ କରିବା, ଓଡ଼ିଶାର ସବୁ ଶିଳ୍ପ ପ୍ରତିଷ୍ଠାନରେ ଶ୍ରମ ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରିବା, ସମାନ କାମକୁ ସମାନ ଦରମା ଓ ସମସ୍ତ ଶ୍ରମିକମାନଙ୍କୁ ଉପଯୁକ୍ତ ସାମାଜିକ ନିରାପତ୍ତା ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଗଣ ପ୍ରତିବାଦରେ ଟ୍ରେଡ଼ ୟୁନିୟନ ସେଣ୍ଟର ଅଫ ଇଣ୍ଡିଆ ପକ୍ଷରୁ ସୁବଳ ଚରଣ ସାହୁ ଓ ସବ୍ୟସାଚୀ, ଟ୍ରେଡ଼ ୟୁନିୟନ କୋର୍ଡ଼ିନେସନ ସେଣ୍ଟର ପକ୍ଷରୁ ଆବାହକ ଜ୍ୟୋତିରଞ୍ଜନ ମହାପାତ୍ର ଓ ରାଜନାରାୟଣ ଡ଼ାଲୁଆ, ଇନ୍‌ସାଫ ତଥା ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ପକ୍ଷରୁ ନରେନ୍ଦ୍ର ମହାନ୍ତି, ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଅଫ୍ ଟ୍ରେଡ଼ ୟୁନିୟନ ସେଣ୍ଟର ପକ୍ଷରୁ ବଂଶୀଧର ପରିଡ଼ା, ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ହେନାରାଣୀ ବାରିକ ଓ ପ୍ରମିଳା ବେହେରା, ଅଲ୍ ଇଣ୍ଡିଆ ରିଭୋଲ୍ୟୁସନାରୀ ମହିଳା ସଂଗଠନ ପକ୍ଷରୁ ମୀନା ଭୋଇ, ଘରୋଇ ମହିଳା ଶ୍ରମିକ ସଂଘ ପକ୍ଷରୁ ମିନତୀ ଭୋଇ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ପକ୍ଷରୁ ବିଚିତ୍ର ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ସେମାନେ ଶ୍ରମିକ ଓ ଶ୍ରମ ଅଧିକାର ଉପରେ ଉଭୟ ସରକାରୀ ଓ ଘରୋଇ ମାଲିକମାନଙ୍କର ନଗ୍ନ ଆକ୍ରମଣ ବିରୋଧରେ ଏକାଠି ହେବାକୁ ଓ ସେମାନଙ୍କର ଜୀବନ ଜୀବିକାର ନ୍ୟାୟସଙ୍ଗତ ଆନ୍ଦୋଳନକୁ ସମର୍ଥନ କରିବାକୁ ବ୍ୟାପକ ଜନସାଧାରଣ ଆଗେଇ ଆସିବାକୁ ନିବେଦନ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Phaggan Communication




# ପିଆଜ ଦରରେ ଖାଉଟି ହନ୍ତସନ୍ତ



ବାଙ୍କୀ,(ପିଏନ)-ଓଡିଶା ଇତିହାସରେ ପ୍ରଥମ ଥରପାଇଁ ରେକର୍ଡ ସୃଷ୍ଟିକରି ମାରିଚି ସେଞ୍ଚୁରୀ ଲାଲ୍ ପିଆଜ। ରାଜ୍ୟରେ ଏବେ ପିଆଜ ଦର ହୁ ହୁ ହୋଇବୃଦ୍ଧି ପାଉଥିବା ବେଳେ ଚିନ୍ତାରେ ଖାଉଟି ଓ ବେପାରି। ସେପଟେ ଦୀର୍ଘ ଏକମାସ ଧରି ପିଆଜ ଦର ବୃଦ୍ଧି କମିବାର ନାଁ ଧରୁନଥିବା ବେଳେ ଅଦ୍ୟାବଧି ପିଆଜ ନିୟନ୍ତ୍ରଣକୁ ନେଇ କୌଣସି ଠୋସ୍ ପଦକ୍ଷେପ ନେଇପାରୁନାହାଁନ୍ତି ସରକାର ବୋଲି ଅଭିଯୋଗ ଆଣୁଛନ୍ତି ସ୍ଥାନୀୟ ଖାଉଟି ଓ ବ୍ୟବସାୟୀ, ରାଜ୍ୟରେ ଏଭଳି ଦରଦାମ ପିଆଜ ବୃଦ୍ଧିର ସିଧା ପ୍ରଭାବ ପଡିଛି ବାଙ୍କୀ ବଜାରରେ। ବାଙ୍କୀ ବଜାରରେ ବିକ୍ରି ହେଉଥିବା ପନିପରିବା ଦୋକାନୀକୁ ଆସୁଥିବା ପିଆଜ ଏକପ୍ରକାରର ଶଢ଼ା ପୋଚା ବାହାରୁ ଥିବା ଅଭିଯୋଗ ହେଉଥିବା ବେଳେ ସେପଟେ ବଡସାଇଜର ପିଆଜ ବଜାରର ଦେଖାଯାଉନଥିବା ବେଳେ ଛୋଟ ସାଇଜ୍ ର ପିଆଜକୁ ୮୦ ରୁ ୧୦୦ଟଙ୍କା ଦରରେ ବିକ୍ରି କରାଯାଉଥିବା ବେଳେ ପିଆଜ କାଟିଲେ ନୁହେଁ ପିଆଜ କିଣିଲେ ବାହାରୁଛି ଗ୍ରାହକଙ୍କ ଆଖିରୁ ଲୁହ। ତେଣୁ ଖାଉଟିମାନେ କିଲୋ ଜାଗାରେ ୨୫୦ଗ୍ରାମ୍ ପିଆଜରେ କାମଚଳାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ପିଆଜ ଦରକୁ ନେଇ ଖାଉଟିମାନେ ଚିନ୍ତାପ୍ରକଟ କରୁଥିବା ବେଳେ ସେପଟେ ଏଭଳି ପିଆଜ ଦର ନିୟନ୍ତ୍ରଣକୁ ନ ଆସୁଥିବା ତତା ଗୋଦାମରୁ ୭୦ରୁ ୭୫କେଜି. ପିଛା ରେଟରେ ପିଆଜକୁ କିଣୁଥିବା ବେଳେ ସେଥିରୁ ବହୁତ ପରିମାଣର ପଚାଶଢ଼ା ପିଆଜ ବାହାରୁଛି ବୋଲି ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ ଆଣିଛନ୍ତି। ତେବେ ଏଭଳି ପିଆଜ ଦରଦାମ ବୃଦ୍ଧିକୁ ନେଇ ସରକାରଙ୍କ ତରଫରୁ କୌଣସି ଠୋସ୍ ପଦକ୍ଷେପ କଳାବଜାରିଙ୍କ ଉପରେ ନେଉନଥିବାବେଳେ ସେପଟେ ଚିନ୍ତାରେ ଖାଉଟି ଏ ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ତୁରନ୍ତ ପିଆଜର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ସହ ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ମାନବ ତସ୍କରୀ ବିରୋଧରେ ଜାତୀୟ ସ୍ତରୀୟ ସଂଗଠନର ଶୁଭାରମ୍ଭ



ଭୁବନେଶ୍ୱର (ପିଏନ): ସମସ୍ତ ପ୍ରକାରର ମାନବ ଚାଲାଣ ବା ତସ୍କରର ଉଦ୍ଦେଶ୍ୟ ସହ ମାନବ ଚାଲାଣର ଶିକାର ହୋଇଥିବା ୨୫୦୦ରୁ ଅଧିକ ପୀଡିତ ଇଣ୍ଡିଆନ ଲିଡରସିପ ଫୋରମ ଏଗେନଷ୍ଟ ଟ୍ରାଫିକିଂ (ଆଇଏଲ୍ଏଫ୍ଏଟି) ଗଠନ ପାଇଁ ଏକାଠି ହୋଇଛନ୍ତି । ଏ ସମସ୍ତ ପୀଡିତ ବିଭିନ୍ନ ପ୍ରକାରର ଚାଲାଣ ସହ ଲଢିଛନ୍ତି – ଦାଦନ ଶ୍ରମିକ, ଯୌନ ଚାଲାଣ, ଭିକ ମାଗିବା, ଶିଶୁ ବିବାହ, ଘରୋଇ ଚାକର, ଇଟା ଭାଟି ଏବଂ ଚୁଡି କାରଖାନାରେ କାମ କରିବା ଏବଂ ନିୟମରେ ପରିବର୍ତ୍ତନ, ଶିକ୍ଷା ଏବଂ ସଶକ୍ତିକରଣ ମାଧ୍ୟମରେ ଜାତୀୟ ସ୍ତରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ପାଇଁ ଏମାନେ ସମ୍ମିଳୀତ ରଣନୀତି ବିକାଶ କରିବାକୁ ଏକତ୍ରିତ ହୋଇଛନ୍ତି ।

ଉ ାନ (ପଶ୍ଚିମ ବଙ୍ଗ), ବନ୍ଧନ ମୁକ୍ତି (ପଶ୍ଚିମ ବଙ୍ଗ), ଭିମୁକ୍ତି (ପଶ୍ଚିମ ବଙ୍ଗ), ବିଜୋୟିନି (ପଶ୍ଚିମ ବଙ୍ଗ), ଚାମ୍ପିଅନ୍ ଗ୍ରୁପ ଆଦି ବିଭିନ୍ନ ସମୁଦାୟରୁ ଆସିଥିବା ପୀଡିତମାନେ ମିଳିତ ଭାବେ ଆଇଜେଏମ୍ (ପଶ୍ଚିମ ବଙ୍ଗ), ଓଡିଶା ମାଇଗ୍ରାଣ୍ଟ ଲେବର ଆସୋସିଏସନ୍ (ଓଏମ୍ ବିଏଲ୍ଏ)(ଓଡିଶା), ଜନ ଜାଗରଣ ମଜଦୁର ଅଧିକାର ମଞ୍ଚ (ଛତିଶଗଡ), ଆଜାଦ ଶକ୍ତି ଅଭିଯାନ (ଉତ୍ତର ପ୍ରଦେଶ), ଏରୋଡ୍ ଜିଲ୍ଲା ମହିଳା ସଂଘ (ତାମିଲ ନାଡୁ ), ବିଜେତା (ବିହାର) ଏବଂ ବିହାନ ସମୁହ (ଝାଡଖଣ୍ଡ) ତରଫରୁ ସହଯୋଗ ପାଇଛି–ଏସବୁର ଅଭିଯାନ ଗୋଟିଏ, ତାହା ହେଉଛି ମାନବ ଚାଲାଣ ବିରୋଧ କରିବା ଏବଂ ଯେଉଁମାନେ ଚାଲାଣର ଶୀକାର ପାଇଁ ନ୍ୟାୟ ପାଇବା ପଥ ସୁଧାର କରିବା ।

ଏହି ଅବସରରେ ଆଇଏଲ୍ଏଏଫ୍ଟିର ଜଣେ ବରିଷ୍ଠ ନେତା କହିଛନ୍ତି ଯେ, "ଆମେ ଆମର ଜୀବନକୁ ଆଉଥରେ ଗଢୁଛୁ ଏବଂ ଚାହୁଁଛୁ ନିଷ୍ପତି ନେବା ପ୍ରକ୍ରିୟାରେ ଆମକୁ ମଧ୍ୟ ପ୍ରମୁଖ ହାତିଧିକାରୀ ଭାବେ ବିଚାର କରାଯାଉ । ଦୀର୍ଘ ସମୟ ପାଇଁ, ଆମକୁ ପରାମର୍ଶ ନକରି କିମ୍ବା ଆମ ଜୀବନ ଅନୁଭୂତିକୁ ନବୁଝି ନିଷ୍ପତି କରାଯାଇଛି ।"

# ଅନୁପମା ରାଉତଙ୍କ ବିୟୋଗରେ ଶୋକ



ଚଣ୍ଡିଖୋଲ, ୨୫/୧୧ (ପିଏନ)– ଯାଜପୁର ଜିଲାର ବିଶିଷ୍ଟ ସମାଜ ସେବିକା ତଥା ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘର ସଦସ୍ୟା ଓ ଅଧ୍ୟାପକ ସୁକାନ୍ତ କୁମାର ରାଉତଙ୍କ ଧର୍ମପତ୍ନୀ ସ୍ୱର୍ଗତା ଅନୁପମା ରାଉତଙ୍କ ଆକସ୍ମିକ ବିୟୋଗରେ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟରେ ଏକ ସ୍ମୃତି ଚାରଣ ସଭା ବରିଷ୍ଠ ସଦସ୍ୟ ଦିଲିପ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱର୍ଗତା ରାଉତଙ୍କ ସରଳ, ନିଷ୍କପଟ, ଅମାୟିକ, ମାତୃବତ୍ସଳତା ଓ ସମାଜ ସେବା କ୍ଷେତ୍ରରେ ତାଙ୍କର ବଳିଷ୍ଠ ସେବା କାର୍ଯ୍ୟକୁ ବକ୍ତା ମାନେ ପ୍ରଶଂସା କରିବା ସହିତ ଅଧ୍ୟାପକ ସୁକାନ୍ତ କୁମାର ରାଉତ, ଓ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ। ଏହି ସଭାରେ ବରିଷ୍ଠ ସଭ୍ୟ ଶିକ୍ଷାବିତ ପବିତ୍ର ମୋହନ ମାହାଲା, ବିଶ୍ୱତୋଷ ନାୟକ, ଦୀପକ ମିଶ୍ର, ଅମୀୟ ପରିଡ଼ା, ପୁଷ୍ପରାଜ ନାୟକ, ଦେବଜୀତ କର, ଶାନ୍ତନୁ ଖିଲାର, ବ୍ରଜରାଜ ନାୟକ, ଦେବବ୍ରତ ରାଉତ, ରତିକାନ୍ତ ସ୍ୱାଇଁ, କିଶୋର ପଲେଇ, ନିରଞ୍ଜନ ନାୟକ, ସୁନୀଲ ନାୟକ, ଭାସ୍କର ନାୟକ, ଅଶୋକ ସ୍ୱାଇଁ, ସତ୍ୟରଞ୍ଜନ ନାୟକ, ହୃଶିକେଷ ନାୟକ, ଜାହାଙ୍ଗିର ଚାନ୍ଦ ପ୍ରମୁଖ ସ୍ୱର୍ଗତା ଅନୁପମା ରାଉତଙ୍କ ବହୁମୁଖି ପ୍ରତିଭାର ସ୍ମୃତି ଚାରଣ କରିଥିଲେ।

# କେନ୍ଦୁଝରର ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମାନି

କେନ୍ଦୁଝର(ପିଏନ): କେନ୍ଦୁଝରର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ବିଭିନ୍ନ କାର୍ଯ୍ୟ ଏବେ ଶିକ୍ଷାଧିକାରୀଙ୍କ ମନ ମାନିଲେ ଚାଲିଛି ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି । ପେନସନ୍, ଜିପିଏଫ,ଜିଆରଏସ୍ ଓ ପେନସନଧାରୀ ମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଆଦୌ ଗୁରୁତ୍ୱ ଦିଆଯାଉନାହିଁ । କେତେକ କ୍ଷେତ୍ରରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଦେହାନ୍ତ ହୋଇଯାଇଥିଲେ ମଧ୍ୟ ପରିବାର ଲୋକେ ବିଭିନ୍ନ ସରକାରୀ ପ୍ରାପ୍ୟ ପାଇବାରୁ ବଂଚିତ ହେଉଛନ୍ତି । କେତେକ ଅବସରପ୍ରାପ୍ତ ଶିକ୍ଷକ ଏ ପର୍ଯ୍ୟନ୍ତ ଦୀର୍ଘ ଦିନ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହେଉଛନ୍ତି । ସେହିଭଳି ସରକାରୀ ନିୟମାନୁସାରେ ମହିଳା କର୍ମଚାରୀ ମାନଙ୍କୁ ପ୍ରସବକାଳୀନ ଛୁଟି ମଞ୍ଜୁର କରାଯାଉଥିବା ବେଳେ ଦୀର୍ଘଦିନ ବିତି ଯାଉଥିଲେ ମଧ୍ୟ ଛୁଟି ସମୟରେ ଦରମା ମିଳିପାରୁନାହିଁ । ଏ ସମ୍ବନ୍ଧରେ ସମ୍ପୃକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ । ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ୫ଟ ନିୟମକୁ ଆଦୌ ଅନୁସରଣ କରୁନଥିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ହେୟ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଅଛି ।

## ଆନନ୍ଦପୁରରେ ବାଣିଜ୍ୟ ମେଳା ଆରମ୍ଭ

କେନ୍ଦୁଝର(ପିଏନ) : ଆନନ୍ଦପୁର ପ୍ରେସ୍ କ୍ଲବ ତରଫରୁ ଷ୍ଟାଡିୟମ୍ ପଡିଆ ଠାରେ ୨୪ତାରିଖ ଠାରୁ ଆରମ୍ଭ ହୋଇଯାଇଛି ବାଣିଜ୍ୟ ମେଳା । ପଡିଆ ସଫେଇ ଠାରୁ ଆରମ୍ଭ କରି ପ୍ରାୟ ବହୁ ସଂଖ୍ୟାରେ ଷ୍ଟଲ ପଡିଛି । ଏହି ବାଣିଜ୍ୟ ମେଳା ପାଇଁ ଓଡିଶା ତଥା ଓଡିଶା ବାହାରୁ ବହୁ ଷ୍ଟଲ ମାନ ପଡିବା ସହ ଖାଦ୍ୟ ଷ୍ଟଲ ମାନ ପଡିଛି । ସେହିପରି ଉଦ୍‌ଘାଟନୀ ଉତ୍ସବରେ ଆନନ୍ଦପୁରର ବିଧାୟକ ଶ୍ରୀଯୁକ୍ତ ଭାଗିରଥି ସେଠୀ, ଘଷୁପୁରାର ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର ବିଧାୟକ ଶ୍ରୀଯୁକ୍ତ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିବା ସହ ମା'ତାରିଣୀଙ୍କ ପ୍ରତିମାରେ ପୁଷ୍ପ ଅର୍ପଣ କରି ବାଣିଜ୍ୟ ମେଳାର ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗେ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗ ଦେଇ ସାମ୍ବାଦିକ ମାନଙ୍କ କାର୍ଯ୍ୟ, ସୁରକ୍ଷା ଓ ସାମ୍ବାଦିକ ମାନଙ୍କ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ମେଳାରେ ୧୦୦ରୁ ଉର୍ଦ୍ଧ୍ୱ ଆନ୍ତର୍ଜାତୀୟ ଷ୍ଟଲ ସହ ମୀନାବଜାର, ବୈଦ୍ୟୁତିକ ଦୋଳି, ବିଭିନ୍ନ ପ୍ରକାର ଲୁଗା ଦୋକାନ ସହ ବିଭିନ୍ନ ପ୍ରକାର ଖାଦ୍ୟ ଦୋକାନ ମାନ ନିଜର ଷ୍ଟଲ ପକାଇଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଲୋକନାଥ ସିଂହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଯୁବ ସାମ୍ବାଦିକ ଓ ପ୍ରେସ୍ କ୍ଲବର ଉପସଭାପତି ସନ୍ତୋଷ ରାଉତ ଏବଂ ପ୍ରସ୍ କ୍ଲବର ସମସ୍ତ ସାମ୍ବାଦିକ ଭାଇମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରୁ ବହୁ ସଂଖ୍ୟାରେ ଲୋକ ମେଳାରେ ବୁଲିବା ସହ ଜିନିଷପତ୍ର କିଣିବା ଓ ଖାଦ୍ୟ ଷ୍ଟଲ ମାନଙ୍କରେ ଭିଡ ଜମିଥିଲା । ଭିଡକୁ ଆଖି ଆଗରେ ରଖି ପ୍ରେସ୍ କ୍ଲବ ଓ ଆନନ୍ଦପୁର ପୋଲିସ୍ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ସାଙ୍ଗ ସାଜିଲା ହତ୍ୟାକାରୀ, ଥାନାରେ ଆତ୍ମସମର୍ପଣ କଲା ସାଙ୍ଗ

କେନ୍ଦୁଝର: କେନ୍ଦୁଝରର ଝୁମ୍ପୁରା ଥାନା ଅନ୍ତର୍ଗତ ଦୁର୍ଗାପୁରରେ ଶନିବାର ସାମାନ୍ୟ ମଦ ପାଇଁ ସାଙ୍ଗ କରିଛି ସାଙ୍ଗକୁ ହତ୍ୟା । ଦୁର୍ଗାପୁର ଗାଁର ଦେଶୀ ମଦ ଭାଟିରେ ମଦ ପିଆ ପିଇ ସମୟରେ ଦୁଇ ସାଙ୍ଗଙ୍କ ମଧ୍ୟରେ ବଚସା ହୋଇଥିଲା । ପ୍ରାପ୍ତ ସୂଚନା ଅନୁସାରେ ଗତକାଲି ଦୁର୍ଗାପୁର ଗାଁର ବିରଂଚି ମୁଣ୍ଡା ଏବଂ ମାଟିଆଳ ସାହିର ସୁକୁଲାଲ ମୁଣ୍ଡା ଦୁର୍ଗାପୁରର ଏକ ଦେଶୀ ମଦଭାଟିରେ ହୁହେଁ ବସି ମଦ ପିଉଥିବା ସମୟରେ କିଛି କଥାକୁ ନେଇ ତାଙ୍କ ମଧ୍ୟରେ ଝଗଡା ହୋଇ ହାତାହାତି ହୋଇଥିଲା ଏବଂ ବିରଂଚି ମୁଣ୍ଡାର ମାଡରେ ସୁକୁଲାଲ ମୁଣ୍ଡା ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ହତ୍ୟାକାରୀ ବିରଂଚି ମୁଣ୍ଡା ସଙ୍ଗେ ସଙ୍ଗେ ଯାଇ ଝୁମ୍ପୁରା ଥାନାରେ ଆତ୍ମସମର୍ପଣ କରିଛି ।

# ଓଷ୍ଟା ପକ୍ଷରୁ ମେଧା ବୃତ୍ତି ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ



ଚଣ୍ଡିଖୋଲ, ୨୫/୧୧ (ପିଏନ)– ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ମେଧା ବୃତ୍ତି ଅନ୍ୱେଷଣ ପରୀକ୍ଷା ୨୦୧୯ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲାର ୫ଟି କେନ୍ଦ୍ରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ, ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଦ୍ଧରାଜ ବିଦ୍ୟାପିଠ, ବିଡି ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ମୋଟ ୧ହଜାର ୩୬ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନବମ ଶ୍ରେଣୀରେ ଅଧ୍ୟୟନ ରତ ଛାତ୍ରଛାତ୍ରୀଙ୍କ ନେଇ ଏ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ବ୍ଲକ ଅଧିନସ୍ଥ ଜନକଲ୍ୟାଣ ହାଇସ୍କୁଲ ଚଣ୍ଡିଖୋଲ ଠାରେ କେନ୍ଦ୍ର ପରିଚାଳକ ସୁବାଷ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନବମ ଶ୍ରେଣୀର ୨୫୫ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ, ଓଡ଼ିଆ, ସାଧାରଣ ଜ୍ଞାନ ଓ ମାନସିକ ଦକ୍ଷତା ସମ୍ବଳିତ ୧୦୦ନମ୍ବର ପରୀକ୍ଷାକୁ ଛାତ୍ରଛାତ୍ରୀ ମାନେ ୨ଘଣ୍ଟାରେ କରିଥିଲେ । ।ଉକ୍ତ ପରୀକ୍ଷାରେ ରାଜ୍ୟ ସ୍ତରୀୟ ପ୍ରଥମରୁ ୧୦୦ଜଣଙ୍କୁ ୩୦ ଜଲାରୁ ସର୍ବାଧିକ ନମ୍ବର ରଖିଥିବା ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୩ହଜାର ଅର୍ଥରାଶୀ ସହ ପ୍ରମାଣ ପତ୍ର ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଦାନ କରାଯିବ। ଉକ୍ତ ପରୀକ୍ଷା ପରିଚାଳନାରେ ଯାଜପୁର ଜିଲା ଓଷ୍ଟା ସଂପାଦକ ବ୍ରଜକିଶୋରବିଶ୍ୱାଳ, ବଡ଼ଚଣା ଓଷ୍ଟା ସଭାପତି ଅଜିତ ମହାନ୍ତି, ସଂପାଦକ ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା ସହସଂପାଦକ ସତ୍ୟବାଦୀ ପଣ୍ଡା, ଯଯାତି କେଶରୀ ଶତପଥୀ, ସୁରେଶ ଚନ୍ଦ୍ର ଖିଲାର, ପଦ୍ମାବତୀ ସ୍ୱାଇଁ, ଜିନ୍ମୟ ଚିରସୁନ୍ଦର ସାମଲ, ସୁଧାନ୍ସୁ ରାଉତ, ପବିତ୍ର ମୋହନ ଦାସ, ଚିତ୍ତରଜଂନ ସେଠୀ, ମନୋଜ କୁମାର ମଲିକ, ବସନ୍ତ ପ୍ରଧାନ, ବିଭୁତି ଭୁଷଣ ସ୍ୱାଇଁ, ବିଚିତ୍ର ସେଠୀ ପ୍ରଫୁଲ ସ୍ୱାଇଁ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

# ଜିକିତ୍ସା ପକ୍ଷରୁ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର: ଓଡ଼ିଶାରେ ୧୦୮, ୧୦୨ ଆମ୍ବୁଲାନ୍ସ ସେବାର ପରିଚାଳନା କରୁଥିବା ସଂସ୍ଥା, ଜିକିତ୍ସା ହେଲଥ୍ କେୟାର ଲିମିଟେଡ୍ ପକ୍ଷରୁ ଏକ ଏଫଆରପି କାର୍ଯ୍ୟକ୍ରମ ଭୁବନେଶ୍ୱରର ୟୁନିଟ୍ ୮ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ୭୦୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିକିତ୍ସା ପକ୍ଷରୁ ଶୁଭ୍ରଜ୍ୟୋତି ନାୟକ ଏବଂ ପ୍ରଦୀପ୍ କୁମାର ସାହୁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଶ୍ରୀଯୁକ୍ତ ନାୟକ ଦୁର୍ଘଟଣା ପରବର୍ତ୍ତୀ ତତ୍କାଳ ଚିକିତ୍ସା, ବ୍ଲିଡିଂ, ଚୋକିଂ, ପୋଡିଯିବା, ବୁଡିଯିବା, କୌଣସି କୀଟ ପତଙ୍ଗ କାମୁଡିବା, ଫ୍ୟାକଚର କେୟାର ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଏହି ଅବସରରେ ଜିକିତ୍ସା ପକ୍ଷରୁ ଶ୍ରୀଯୁକ୍ତ ପ୍ରଦିପ୍ କୁମାର ସାହୁ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ସେବାର ପରିଚାଳନା, କାର୍ଯ୍ୟାବଳୀ ଏବଂ ନୀତିନିୟମ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜନ୍ତୀ ପଟ୍ଟନାୟକ ଏବଂ ଗୁରୁଜି ଗଙ୍ଗାଧର ଷଡଙ୍ଗୀ ପରିଚାଳନା କରିଥିଲେ।

# ଡିଏନ୍ ହୋମ୍ସ ପକ୍ଷରୁ ଭୁବନେଶ୍ୱରରେ ପ୍ରଥମ ଶିଶୁ କୈନ୍ଦ୍ରିକ ଘର

ଭୁବନେଶ୍ୱର: ଡିଏନ୍ ହୋମ୍ସ ପକ୍ଷରୁ ଭୁବନେଶ୍ୱର, ମଦନପୁରସ୍ଥିତ ଇନ୍‌ଫୋ ଭ୍ୟାଲିରେ ଏହାର ପ୍ରଥମ ଶିଶୁ କୈନ୍ଦ୍ରିକ ଘର 'ଡିଏନ୍ ଫେରୀଟେଲ୍'ର ଘୋଷଣା କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଦ୍ରୁତ ବେଗରେ ଜାରି ରହିଥିବା ବେଳେ ସାମ୍ପଲ ଆପାର୍ଟମେଂଟ୍ ଓ ସେଲ୍ସ ଅଫିସ୍‌କୁ ପ୍ରଦର୍ଶିତ କରୁଥିବା ଏହାର କଷ୍ଟମର ଏକ୍ସପେରିଏନ୍ସ ସେଂଟର ବା ଗ୍ରାହକ ଅଭିଜ୍ଞତା କେନ୍ଦ୍ରକୁ ଆଜି ଡିଏନ୍ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦିଶ ପ୍ରସାଦ ଦାୟକ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ଶ୍ରୀଯୁକ୍ତ ନାୟକ କହିଛନ୍ତି, ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ଆମର ୧୫ ବର୍ଷର ବିରାସତ ରହିଛି ଏବଂ ଆମେ ଉନ୍ନତମାନର ନିର୍ମାଣ ତଥା ନିର୍ଦ୍ଧାରିତ ସମୟରେ ଗ୍ରାହକଙ୍କୁ ଘର ଯୋଗାଇବାରେ ବିଶ୍ୱାସ କରୁ। ଆମେ ଆମର ସମସ୍ତ ପ୍ରକଳ୍ପଗୁଡିକ ମାଧ୍ୟମରେ ଗ୍ରାହକଙ୍କୁ ଖୁସି କରିବାକୁ ଲକ୍ଷ୍ୟ ରଖିଥାଉ। ଏହା ଆମର ନୂତନ ଭେଂଚର ଏବଂ ଆମେ ଏଥିରେ କିଛି ନୂଆ ବିଚାରକୁ ସାମିଲ କରିବାକୁ ଚାହୁଁଥିଲୁ, ତେଣୁ ଆମେ ଓଡିଶାରେ ଡିଏନ୍ ଫେରୀଟେଲ୍‌ର ଆରମ୍ଭ କରିଛୁ ।ଏହି ଉଦ୍‌ଘାଟନ ଅବସରରେ ନିର୍ମାଣ ସାଇଟ୍‌ରେ ଫନ୍ ଓ ଫେଷ୍ଟିଭିଟିଜ୍‌ର ଆୟୋଜନ କରାଯାଇଥିଲା। ପ୍ରକଳ୍ପଗୁଡିକର ଗ୍ରାହକମାନେ ନିଜ ବନ୍ଧୁ ଓ ପରିବାରବର୍ଗ ସହ ଏହାକୁ ପରିଦର୍ଶନ କରିଥିଲେ। ସେମାନଙ୍କୁ ସ୍ୱାଗତ କରାଯିବା ସହ କଷ୍ଟମର ଏକ୍ସପେରିଏନ୍ସ ସେଂଟର ବୁଲାଯାଇଥିଲା। ଡିଏନ୍ ଫେରୀଟେଲ୍ ହେଉଛି ଏକ ଗେଟେଡ୍ ଶିଶୁ କୈନ୍ଦ୍ରିକ ପ୍ରକଳ୍ପ ଯେଉଁଥିରେ ସମସ୍ତ ଆଧୁନିକ ସୁବିଧା ସହ ଦୁଇ ଓ ତିନି ବେଡ୍‌ରୁମ୍ ବିଶିଷ୍ଟ ଆପାର୍ଟମେଂଟ୍ ରହିଛି ।ଏହି ପ୍ରକଳ୍ପ ସମ୍ପର୍କରେ ମତ ରଖି କମ୍ପାନୀର ନିର୍ଦ୍ଦେଶିକା ରତ୍ନମାଳା ସ୍ୱାଇଁ କହିଛନ୍ତି ଯେ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ୭୦୮ଟି ଆପାର୍ଟମେଂଟ୍‌ର କାର୍ଯ୍ୟକୁ ଦୃଷ୍ଟିରେ ରଖି ଆମେ ଦ୍ରୁତ ବେଗରେ କାର୍ଯ୍ୟ ଶେଷ କରିବା ଓ କ୍ଲିନ୍ ଫିନିଶ୍ ପାଇଁ ମିଭାନ ଟେକ୍ନୋଲୋଜିର ଉପଯୋଗ କରୁଛୁ। ଆମକୁ ସୂଚିତ କରାଯାଇଛି ଯେ, ଏହି ପ୍ରକଳ୍ପର ଫେଜ୍ ୧ ସମ୍ପୂର୍ଣ୍ଣ ରୂପେ ବିକ୍ରି ହୋଇସାରିଛି। ବର୍ତମାନ ଏହାର ଫେଜ୍ ୨ ଉଦ୍‌ଘାଟନ କରାଯାଇଛି। ଏହି ପ୍ରକଳ୍ପରେ ଆପାର୍ଟମେଂଟ୍‌ଗୁଡିକର ଆକାର ୧୨୬୫ ବର୍ଗଫୁଟ୍‌ରୁ ୧୭୧୦ ବର୍ଗଫୁଟ୍ ମଧ୍ୟରେ ରହିଛି। ଏହି ପ୍ରକଳ୍ପରେ ଆକ୍ଟିଭିଟି ପାଇଁ ଏକାଧିକ ବ୍ରେକ୍‌ଆଉଟ୍ ଜୋନ୍, ଜଗିଙ୍ଗ୍ ଟ୍ରାକ୍ ଓ ସେଂଟର୍‌ରେ ଏକ କ୍ଲବ୍‌ହାଉସ୍ ନିର୍ମାଣ କରାଯିବ। ଏଥିସହିତ ଏଠାରେ ଏକ ଡେ' କେୟାର ସେଂଟର, ପ୍ରି ସ୍କୁଲ୍ ଓ କମ୍ପ୍ଲେକ୍ସ ମଧ୍ୟରେ ଏକ ବାଣିଜ୍ୟିକ କ୍ଷେତ୍ର ଖୋଲାଯିବ।

# ଭିଣୋଇଙ୍କୁ ହତ୍ୟା କରି ଆତ୍ମସର୍ମପଣ କଲା ଶଳା

କେନ୍ଦୁଝର (ପିଏନ) :- ଝୁମ୍ପୁରା ଥାନା ଅଚଂଳ ଅର୍ଶଳା ପଚଂାୟତ ଦୁର୍ଗାପୁର ଗ୍ରାମରେ ଶନିବାର ରାତ୍ରୀରେ ଘଟିଛି ଏକ ଅଭାବନୀୟ ଘଟଣା । ସାମାନ୍ୟ ବଚସାରୁ ଭିଣେଇ କୁ ହତ୍ୟା କରି ଝୁମ୍ପୁରା ଥାନାରେ ଆତ୍ମସର୍ମପଣ କଲା ଶଳା । ସୂଚନା ଯୋଗ୍ୟ ଯେ ଖୁଟଂାପଡା ପଚଂାୟତ ମାଟିଆଳ ସାହିର ଶୁକ୍‌ଲାଲ ମୁଣ୍ଡା (୫୦ବର୍ଷ) ଓ ତାର ସ୍ତ୍ରୀ କୁନ୍ତି ମୁଣ୍ଡା (୪୫ବର୍ଷ) ଦୁହେଁ ମିଶି ଦୀର୍ଘ ୨ବର୍ଷ ହେବ ମାଟିଆଳ ସାହି ଓ ଦୁର୍ଗାପୁର ଗ୍ରାମର ଗାଇ,ବଳଦ ଜଗନ୍ତି । ପ୍ରତ୍ୟେକ ଦିନ ଭଳି ଶନିବାର ସନ୍ଧ୍ୟାରେ ମଧ୍ୟ ସ୍ୱାମୀ ସ୍ତ୍ରୀ ଗାଇ,ବଳଦ ନେଇ ଗାଁ କୁ ବାହୁଡିଥିଲେ । ସ୍ତ୍ରୀ କୁନ୍ତି ମୁଣ୍ଡା ମାଟିଆଳ ସାହିର ଗାଇ,ବଳଦ କୁ ନେଇ ଘରକୁ ଫେରିଥିବା ବେଳେ ସ୍ୱାମୀ ଶୁକଲାଲ ମୁଣ୍ଡା ଦୁର୍ଗାପୁର ଗାଁର ଗାଇ,ବଳଦ କୁ ନେଇ ଯାଇ ଆଉ ଘରକୁ ଫେରି ନଥିଲା । ଦୁର୍ଗାପୁର ଗ୍ରାମର ବିରଚିଂ ଓରଫ ଗିଡୁ ମୁଣ୍ଡା (୨୩ବର୍ଷ) କୁ ମୋ ଝିଅ ସହିତ ଲୁଚି ଲୁଚି କଥା ବାର୍ତା ହେଉଛୁ ବୋଲି ରଜ ପର୍ବ ସମୟରେ ଗ୍ରାମର ଏକ ପଡୋଶୀ ଘର ଶୁଦ୍ଧିକ୍ରିୟା ରେ ଅସଭ୍ୟ ଭାଷାରେ ପାଟି ତୁଣ୍ଡ କରିଥିଲା ଶୁକଲାଲ ମୁଣ୍ଡା । ବିନା ଦୋଷରେ ବନ୍ଧୁବାନ୍ଧବ ସମ୍ମୁଖରେ ଶୁକଲାଲ ମୁଣ୍ଡା ଗାଳି ଗୁଲଜ କରିଥିବା ରୁ ବିରଚିଂ ମୁଣ୍ଡା କୁ ବହୁତ ଖରାପ ଲାଗିଥିଲା । ଶୁକଲାଲ ମୁଣ୍ଡା କୁ ବିରଚଂ ମୁଣ୍ଡା କହି ଆସୁଥିଲା କି ମୁଁ ତ ବାହା ହୋଇ ଛୁଆ ପିଲାର ବାପ ହୋଇ ସାରିଛି । ତୋର ମୋର ତ ଶଳା ଭିଣେଇ ସମ୍ପର୍କ । ତୋର ଝିଅ ତ ମୋର ଭାଣଜି ହିସାବ ଲାଗିବ ମୁଁ ତୋର ଝିଅ ସହିତ କେବେ ଖରାପ ଉଦ୍ଦେଶ୍ୟରେ କଥା ବାର୍ତା ହୋଇ ନାହିଁ । କିନ୍ତୁ ଶୁକଲାଲ ମୁଣ୍ଡା ବୁଝିବାକୁ ନାରାଜ ଥିଲା । ଆଗରୁ ଶୁକଲାଲ ଓ ବିରଚିଂ ସହିତ ଦୁଇ ଥର ଏ ସମ୍ବନ୍ଧରେ ତୁତୁ ମେଁମେଁ ହୋଇଥିଲା । ଫଳରେ ବିରଚିଂ ମୁଣ୍ଡା କ୍ରୋଧାନିତ ଅବସ୍ଥାରେ ଥିଲା । ଶନିବାର ଦିନ ସନ୍ଧ୍ୟା ସମୟରେ ବିରଚିଂ ମୁଣ୍ଡା ଘର ପାଖରେ ଛିଡା ହୋଇ ତାର ଝିଅ କଥାକୁ ନେଇ ଶୁକଲାଲ ମୁଣ୍ଡା ବିଭିନ୍ନ ଭାଷାରେ ବିରଚିଂ କୁ ଗାଳି ଗୁଲଜ କରୁଥିଲା । ବିରଚିଂ ମୁଣ୍ଡାକୁ ଅପମାନ ଲାଗିବାରୁ ସାଇକେଲ ଗଡାଇ ଗଡାଇ ଯାଉଥିବା ଶୁକଲାଲ ମୁଣ୍ଡା କୁ ବିରଚିଂ ଧକ୍କା ମାରିବାରୁ ତଳେ ପଡି ଯାଇଥିଲା । ଏହା ପରେ ଛାତି କୁ ଗୋଇଠା ମାରିଥିଲା । ମୃତକ ଶୁକଲାଲ ମୁଣ୍ଡାର ବାମ ପାଖ ଆଖିପତା ଓ କାନ୍ଧରେ ଆଘାତ ଲାଗିଥିବାର ଚିହ୍ନ ଅଛି । ଶୁକଲା ମୁଣ୍ଡା ଅଚେତ ଅବସ୍ଥାରେ ତଳେ ପଡି ରହିବାରୁ ବିରଚିଂ ମୁଣ୍ଡା ନିଜ ଘର କୁ ଚାଲି ଯାଇଥିଲା । ବିରଚିଂ ମୁଣ୍ଡା ନିଜ ସ୍ତ୍ରୀ ମାନୀ ମୁଣ୍ଡା କୁ ସମସ୍ତ ଘଟଣା କହିବା ପରେ ସେ ଥାନାରେ ଯାଇ ଅତ୍ମସର୍ମପଣ କରିବି ବୋଲି କହି ଥାନା କୁ ଯାଇଥିବା ନେଇ ମାନୀ ମୁଣ୍ଡା ସ୍ୱୀକାର କରୁଛି । କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ ଶୁକୁଲାଲ ମୁଣ୍ଡାର ଝିଅ ସହିତ ଆସମୀ ବିରଚିଂ ମୁଣ୍ଡାର ସାନ ଭାଇ ମରା ମୁଣ୍ଡା ଏକା ସାଙ୍ଗରେ କୁଲି ମଜୁରୀ କାମ କରନ୍ତି । ଫଳରେ ମରା ମୁଣ୍ଡା ଓ ଶୁକଲାଲ ର ଝିଅ କଥା ବାର୍ତା ହେଉଥିବା ଅଲୋଚନା ହେଉଅଛି । ଶୁକଲାଲ ମୁଣ୍ଡା ତଳେ ପଡିଥିବା ନେଇ ସାହିର ଲୋକମାନେ ତାର ସ୍ତ୍ରୀ କୁନ୍ତି ମୁଣ୍ଡା କୁ ଖବର ଦେଇଥିଲେ । ଖବର ପାଇ ଶୁକଲାଲ ମୁଣ୍ଡାର ବନ୍ଧୁ ବାନ୍ଧବ ଘଟଣାସ୍ଥଳରେ ପହଁଚି ଥିଲେ । ମୃତକ ଶୁକଲାଲ ମୁଣ୍ଡାର ଭଣଜା ଗୋବିନ୍ଦ ସିରିକା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ପରେ କେଶ୍ ନଂ ୧୧୯/୧୯ ରୁଜୁ କରି ଘଟଣାସ୍ଥଳରେ ପୁଲିସ୍ ପହଁଚି ପାରିପାର୍ଶ୍ୱିକ ସ୍ଥିତି କୁ ଅନୁଧ୍ୟାନ କରି ତଦନ୍ତ ଜାରି ରଖିଥିଲେ । ରବିବାର ଦିନ ସକାଳେ କେନ୍ଦୁଝରଗଡ ସ୍ଥିତ ସାଇନଟିଫିକ ଟିମ ଆସିବା ପରେ ଶବ ବ୍ୟବଛେଦ ପାଇଁ ପଠାଯାଇଥିଲା । ଆସାମୀ ବିରଚିଂ ମୁଣ୍ଡାର ଡାକ୍ତରୀ ପରିକ୍ଷାପରେ ରବିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରି ବିରଚିଂ ବାଗ ପ୍ରକାଶ କରିଛନ୍ତି ।

# ନାଲ୍‌କୋ ମହିଳା ସମିତି ଦ୍ୱାରା ମଶାରୀ ବଣ୍ଟନ




ଭୁବନେଶ୍ୱର (ପିଏନ): ସ୍ୱଚ୍ଛ ଓ ସ୍ୱସ୍ଥ ଭାରତ କାର୍ଯ୍ୟକ୍ରମ ପ୍ରତି ନିଜର ଅନବରତ ପ୍ରୟାସ ସ୍ୱରୂପ ନାଲ୍‌କୋ ମହିଳା ସମିତିର ସଭ୍ୟମାନେ ଗତକାଲି, ସଭାପତି ଶ୍ରୀମତୀ ପ୍ରୀତି ରାୟ ଚାନ୍ଦଙ୍କ ନେତୃତ୍ୱରେ କଟକସ୍ଥିତ ଯଶୋଦା ସଦନ ସେବାଶ୍ରମର ଅନ୍ତେବାସୀ ମାନଙ୍କୁ ମଶାରୀ ବଣ୍ଟନ କରିଥିଲେ।

# ମହର୍ଷି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଦିବସ ଉଦଯାପିତ








ବାରିପଦା,(ପିଏନ): ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡା ଦିବସ ଏମ୍.ପିସି ଜୁନିଅର କଲେଜ ପଡିଆରେ ୨୨ ଏବଂ ୨୩ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ଗଣେଶ୍ୱର ସାହୁ ବାର୍ଷିକ କ୍ରୀଡାକୁ ଉଦଘାଟନ କରି ଉଦବୋଧନ ଦେଇଥିଲେ । ପରିଚାଳନା ଅଶୋକ କୁମାର କରଖେଳ ସହ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନକିପରି ପରସ୍ପରର ପରିପୂରକ ତାହା ବୁଝାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବରିଷ୍ଠ ଶିକ୍ଷକ ଅରବିନ୍ଦ ପଟ୍ଟନାୟକ ଶିକ୍ଷା ସହ ଖେଳର ଆବଶ୍ୟକତା ଓ ଉପାଦେୟତା ସଂପର୍କରେ ଆଲୋକପାତ କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରୀମତୀ ଖେଜପଡ଼ା ଏବଂ ଶ୍ରୀମତୀ ପାଣିଗ୍ରାହୀଙ୍କର ସୁମଧୁର ସଂଗୀତ ସମସ୍ତଙ୍କୁ ମନମୁଗ୍ଧ କରିଥିଲା । ଏହି କ୍ରୀଡା ଉତ୍ସବରେ ପ୍ରତ୍ୟେକପିଲା ତିନୋଟି ଖେଳରେ ଭାଗନେଇ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ । ବିଭିନ୍ନ ବର୍ଗରୁ ତିନିଜଣ ପ୍ରଥମ, ଦ୍ୱିତୀୟ, ତୃତୀୟ କରି ବିଜୟୀ ହୋଇଛନ୍ତି । ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ । ଏଥିରେ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ରିଲାଏନ୍ସ ଜିଓ ଓଡ଼ିଶାର ସବୁଠୁ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ରାଜସ୍ୱ ଅଗ୍ରଣୀ ସ୍ଥିତିକୁ ଆହୁରି ସଂପ୍ରସାରିତ କରିଛି: ଟ୍ରାଇ ରିପୋର୍ଟ

ଭୁବନେଶ୍ୱର: ଓଡ଼ିଶାର ଟେଲିକମ ଓ ଡିଜିଟାଲ ସେବା ବର୍ଗରେ ନିଜର ରାଜସ୍ୱ ନେତୃତ୍ୱ ସ୍ଥିତିକୁ ସଂପ୍ରସାରିତ କରି ରିଲାଏନ୍ସ ଜିଓ ୨୦୧୯ ସେପ୍ଟେମ୍ବର ସୁଦ୍ଧା ଶେଷ ହୋଇଥିବା ତ୍ରୟମାସରେ ମୋଟ ରାଜସ୍ୱର ୪୮.୧%ରୁ ଅଧିକ ବଜାର ଅଂଶ ହାସଲ କରିଛି ବୋଲି ନିକଟରେ ଭାରତୀୟ ଟେଲିକମ ନିୟାମକ କର୍ତୃପକ୍ଷ (ଟ୍ରାଇ) ଜାରି କରିଥିବା ସଦ୍ୟତମ ଆର୍ଥିକ ରିପୋର୍ଟରୁ ଜଣାପଡ଼ିଛି । ଓଡ଼ିଶାରେ ୨୦୧୯ ଜୁଲାଇ-ସେପ୍ଟେମ୍ବର ତ୍ରୟମାସରେ ମୋଟ ରାଜସ୍ୱରେ ଜିଓର ୪୮.୧% ବଜାର ଅଂଶ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ଠାରୁ ୧୨% ଅଧିକ ରହିଛି । ଓଡ଼ିଶାରେ ଆଡଜଷ୍ଟେଡ ଗ୍ରସ ରେଭିନ୍ୟୁ (ଏଜିଆର)ରେ ମଧ୍ୟ ଏହି ତ୍ରୟମାସରେ, ରିଲାଏନ୍ସ ଜିଓ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରି ବୃହତ ୫୬.୮% ବଜାର ଅଂଶ ହାସଲ କରି, ଅନ୍ୟମାନଙ୍କ ଠାରୁ ବହୁତ ଆଗକୁ ବଢ଼ିଯାଇଛି ବୋଲି ଟ୍ରାଇ ରିପୋର୍ଟରେ ପ୍ରକାଶ ପାଇଛି । ରିପୋର୍ଟ ମୁତାବକ, ୨୦୧୯ ଜୁଲାଇ-ସେପ୍ଟେମ୍ବର ତ୍ରୟମାସରେ ରିଲାଏନ୍ସ ଜିଓ ୪୬୯.୭ କୋଟି ଟଙ୍କାର ମୋଟ ରାଜସ୍ୱ (ଗ୍ରସ ରେଭିନ୍ୟୁ) ହାସଲ କରିଥିବା ବେଳେ ୩୪୯.୪ କୋଟି ଟଙ୍କା ସହିତ ଏୟାରଟେଲ, ୯୪.୭ କୋଟି ଟଙ୍କା ସହ ଭୋଡାଫୋନ ଆଇଡିଆ ଓ ୫୯.୪ କୋଟି ଟଙ୍କା ସହ ବିଏସଏନଏଲ ଏହା ଠାରୁ ବହୁ ପଛରେ ରହିଛନ୍ତି । ଜାତୀୟ ସ୍ତରରେ ମଧ୍ୟ ରିଲାଏନ୍ସ ଜିଓ ଏହି କ୍ଷେତ୍ରର ଶ୍ରେଷ୍ଠ ରାଜସ୍ୱ ହାସଲକାରୀ ଭାବେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରି ୨୦୧୯ର ଜୁଲାଇ-ସେପ୍ଟେମ୍ବର ତ୍ରୟମାସରେ ମୋଟ ରାଜସ୍ୱର ସର୍ବାଧିକ ୩୪.୭% ବଜାର ଅଂଶ ହାସଲ କରିଛି ବୋଲି ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଆର୍ଥିକ ରିପୋର୍ଟରୁ ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିଜର ସମ୍ପୂର୍ଣ୍ଣ ୪ଜି ନେଟୱର୍କ, ଅପହଂଚ ଅଂଚଳରେ ୪ଜି ନେଟୱର୍କର ଦ୍ରୁତ ସଂପ୍ରସାରଣ ଓ ଗ୍ରାମାଚଂଳ ଓ ଅର୍ଧ-ସହରାଚଂଳରେ ଅତ୍ୟଧିକ ଲୋକପ୍ରିୟ ସୁଲଭ ଜିଓଫୋନ- ଭାରତର ସ୍ମାର୍ଟଫୋନକୁ ନେଇ ଓଡ଼ିଶାରେ ପ୍ରତି ମାସରେ ରିଲାଏନ୍ସ ଜିଓ ସର୍ବାଧିକ ସଂଖ୍ୟକ ଗ୍ରାହକ ଯୋଡୁଛି । ଟ୍ରାଇ ତରଫରୁ ଜାରି କରାଯାଇଥିବା ସଦ୍ୟତମ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ସେପ୍ଟେମ୍ବର ମାସରେ ୨ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ି ଓଡ଼ିଶାରେ ଏହାର ମୋଟ ମୋବାଇଲ ଗ୍ରାହକ ସଂଖ୍ୟାକୁ ୧.୧୦ କୋଟିରୁ ଅଧିକ ସ୍ତରକୁ ନେଇଛି । ୨୦୧୯ ସେପ୍ଟେମ୍ବରର ଟ୍ରାଇ ପ୍ରଦତ୍ତ ଗ୍ରାହକ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ମାସରେ ସାରା ଦେଶରେ ରିଲାଏନ୍ସ ଜିଓ ୬୯.୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଥିବା ବେଳେ ଅନ୍ୟ ଅପରେଟର ଯଥା ଏୟାରଟେଲ ଓ ଭୋଡାଫୋନ ଆଇଡିଆ ୪୯ ଲକ୍ଷରୁ ଅଧିକ ଗ୍ରାହକ ହରାଇଛନ୍ତି ।

## ଜିଲ୍ଲା ପୋଲିସ୍ ପ୍ରଶାସନର ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

ବାରିପଦା: ବାରିପଦା ସହରର ଉପକଣ୍ଠରେ ଅବସ୍ଥିତ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜିରେ ସୋମବାର ଦିନ ଜିଲ୍ଲା ପୋଲିସ ପ୍ରଶାସନ ଏବଂ ଡିଭାଇନର ମିଳିତ ଉଦ୍ୟମରେ ଏକ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଟ୍ରାଫିକ୍ ନିୟମ ରେ ଆସିଥିବା ପରିବର୍ତ୍ତନ, ସାମାଜିକ ଜ୍ଞାନ ତଥା ରାସ୍ତାର ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ନିୟମ ନ ମାନିଲେ କିପରି ଦଣ୍ଡ ବିଧାନ ରହିଛି ଏବଂ ପରିବାର ଓ ସମାଜର ଯେଉଁ ସବୁ ପ୍ରଭୂତ କ୍ଷତି ହୋଇଥାଏ ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରଯାଇଥିଲା । ଅନୁଷ୍ଠାନର ଚେୟାରମ୍ୟାନ ତଥା ମ୍ୟାନେଜିଂ ଟ୍ରଷ୍ଟି ପୂର୍ଣ୍ଣ ଚନ୍ଦ୍ର ବୁଗୁଡେଇ ଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ କେ. କେ. ହରିପ୍ରସାଦ, ଡି ଏସ ପି ଆଦିତ୍ୟ ସେନ୍, ଏ ଆର ଟି ଓ ମନୋଜ ଟପ୍ପୋ, ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାଏକ, ପ୍ରମୁଖ ଉଦବୋଧନ ଦେବା ସହ ସାମାଜିକ ସନ୍ତୁଳନରେ ଛାତ୍ର-ଛାତ୍ରୀ ମାନଙ୍କ ଉଚିତ ପଦ କ୍ଷେପ ଓ ଉଚିତ ଚିନ୍ତା ଧାରା ଦ୍ୱାରା ସମ୍ଭବ ଏବଂ ଆଗାମୀ ପିଢୀ ପାଇଁ ସେମାନେ ହିଁ ଆୟୁଧ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମର ପରେ ପରେ ଡିଭାଇନ୍ ର ଛାତ୍ର-ଛାତ୍ରୀ ଓ ମୟୂରଭଞ୍ଜ ପୋଲିସ ର ମିଳିତ ଉଦ୍ୟମରେ ବାରିପଦା-ଉଦଳା ରାସ୍ତାରେ ଯାଉଥିବା ବିଭିନ୍ନ ଆରୋହୀଙ୍କୁ ଗୋଲାପ ଫୁଲ ଓ ଚକଲେଟ୍ ଦେଇ ସଚେତନ କରଯାଇଥିଲା ।

ଜିଲ୍ଲା ପୋଲିସ ଏବଂ ଡିଭାଇନ୍ ର ମିଳିତ ଉଦ୍ୟମରେ ଏହି ସଚେତନତା କାର୍ଯ୍ୟକ୍ରମର ମାନସ ମନ୍ଥନ କରଯାଇଥିଲା ଏବଂ ନିଷ୍ପତି ନିଆଗଲାଯେ ପ୍ରତ୍ୟହ ଡିଭାଇନ୍ କୁ ଆସୁଥିବା ଛାତ୍ର-ଛାତ୍ରୀ ମାନେ ଏସବୁ ନିୟମକୁ ଯେମିତି କଡା କଡି ପାଳନ କରନ୍ତି । କାର୍ଯ୍ୟକ୍ରମ ର ଉପାନ୍ତରେ ଦିବଙ୍ଗତ ପୋଲିସ ସବ ଇନିସପେକ୍ଟର ଦୟାନିଧି ଦାସଙ୍କ ଅମର ଆତ୍ମାର ସଦ୍ ଗତି ପାଇଁ ନୀରବ ପ୍ରାର୍ଥନା କରଯାଇଥିଲା । ଡିଭାଇନ୍ ର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଙ୍କ ତତ୍ୱାବଧାନରେ ସଂପାଦିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ୍ ପ୍ରଶାସନର ଅନେକ ଅଧିକାରୀ, ଡିଭାଇନ୍ ର ଅଧାପକ-ଅଧାପିକା, ସମସ୍ତ କର୍ମଚାରୀ ଓ ଛାତ୍ର-ଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଆନନ୍ଦବଜାରର ଫଟୋ ଭାଇରାଲ ନେଇ ପୁଣି ଚର୍ଚ୍ଚା

ପୁରୀ: ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ଚର୍ଚ୍ଚା ଥମୁନାହିଁ । ସୋମବାର ପୁଣି ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି କରୁଥିବା ସେବାୟତଙ୍କ ଫଟୋ ଭାଇରାଲ ହେବା ଘଟଣା ସହରରେ ଚର୍ଚ୍ଚା ଜୋରଧରିଛି । ଶ୍ରୀମନ୍ଦିର ଚାରିପଟ ପୁଲିସ ଜଗିଥିଲେ ମଧ ବାରମ୍ବାର ମୋବାଇଲ ଦ୍ୱାରା ଫଟୋ ଉଠାଇ ଭାଇରାଲ ହେବା ଘଟଣା ପୁଲିସର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭକ୍ତମାନେ ମୋବାଇଲ ନନେବା ପାଇଁ ବିଭିନ୍ନ ସ୍ଥାନରେ ପ୍ରଚାର କରାଯାଇଛି । କିନ୍ତୁ କେତେକ ସେବାୟତ ବିନାଦ୍ୱିଧାରେ ଅଂଟାରେ ମୋବାଇଲ ଖୋସି ମନ୍ଦିର ଭିତରେ ବୁଲିବା ଓ ଅନାୟସରେ ସମସ୍ତଙ୍କ ସହ କଥା ହେବା ଏବଂ ଫଟୋ ଉଠାଇବା ଘଟଣାକୁ ଭକ୍ତମାନେ ନାପସନ୍ଦ କରିଛନ୍ତି । ଜଣେ ଯୁବକ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଏହି ଫଟୋ ଅପଲୋଡ କରି ଛାଡିଥିବା ଅଭଯୋଗ ହୋଇଛି । ଆନନ୍ଦବଜାରରେ ଅବଢା ବିକ୍ରିର ଦୃଶ୍ୟ ରହିଛି । କିଛିଦିନ ତଳେ ନିରାକାରପୁର ଅଂଚଳର ଜଣେ ଯୁବତୀ ଟିକଟକରେ ଆନନ୍ଦବଜାର ଦୃଶ୍ୟ ଭାଇରାଲ କରିଥିବାରୁ ପୁଲିସ ତାକୁ ଅଟକ ରଖି ଛାଡି ଦେଇଥିଲା । ଏହିଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ ପୁଲିସ ଦୃଢ ପଦକ୍ଷେପ ନନେବାରୁ ଭାଇରାଲ ବଢୁଛି । ସିଂହଦ୍ୱାର ନିକଟରେ ପୁଲିସ ପକ୍ଷରୁ ବ୍ୟାରିକେଡ ଓ ମେସିନ ଦ୍ୱାରା ଯାଂଚ କରାଯାଉଥିବା ସତ୍ୱେ କିଭଳି ମୋବାଇଲ ମନ୍ଦିର ଭିତରକୁ ପ୍ରବେଶ କରୁଛି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛିଦିନ ତଳେ ଡ୍ରୋନ କ୍ୟାମେରାରେ ଶ୍ରୀମନ୍ଦିରର ବେଢା ଦୃଶ୍ୟ ଭାଇରାଲ ଘଟଣାକୁ ନେଇ ସିଂହଦ୍ୱାର ଥାନାରେ କମନମ୍ୟାନ ପକ୍ଷରୁ ଏତଲା ଦିଆଯାଇଥିଲା । ଜଣେ ପାଟରା ସେବାୟତ ଫଟୋ ଭାଇରାଲକୁ ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା । ଜଣେ ପୁଲିସ କର୍ମଚାରୀ ବାଇଶି ପାହାଚରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇ ଫଟୋ ଭାଇରାଲ କରିବାରୁ ନିଲମ୍ବିତ ହୋଇଥିଲେ । ଏହିଭଳି ଅନେକ ଘଟଣା ଘଟିଯାଉଥିଲେ ମଧ ପୁଲିସ ପକ୍ଷରୁ କଡାକଡି ଯାଂଚ ବ୍ୟବସ୍ଥା କରାଯାଉନାହିଁ । ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଭକ୍ତ ମହଲରେ ଆଲୋଚନା ହେଉଛି ।

## ଶ୍ରୀମନ୍ଦିରରେ ଦେବ ଦୀପାବଳି, ପିତୃ ପୁରୁଷଙ୍କୁ ଶ୍ରାଦ୍ଧଦେଲେ ଶ୍ରୀଜଗନ୍ନାଥ

ପୁରୀ:ସୋମବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଦେବ ଦୀପାବଳି । ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଅର୍ପଣ କରିବେ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ପ୍ରତିଦିନ ମହାଦୀପ ଶ୍ରୀମନ୍ଦିର ଉପରକୁ ଉଠିବ । ଏହାକୁ ଦେଖିବା ପାଇଁ ହଜାର ହଜାର ଭକ୍ତ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି । ପ୍ରଥମ ଦିନ ପ୍ରଭୁ ଜଗନ୍ନାଥ ପିଣ୍ଡଦାନ କରିବେ । ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ନିର୍ମାଣ କରିବା ସମୟରେ ତାଙ୍କ ବଂଶରେ କେହି ପିଣ୍ଡ ଦେବାକୁ କେହି ରହିବେନି ବୋଲି ପ୍ରଭୁଙ୍କୁ ଜଣାଇଥିଲେ । ଇନ୍ଦ୍ରଦ୍ୟୁମ୍ନଙ୍କୁ ମଧ ପ୍ରଭୁ ପିଣ୍ଡଦାନ କରିବେ । ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣପାଇଁ ପ୍ରଭୁ ଏହି ପିଣ୍ଡଦାନ କରୁଥିବା କଥିତ ଅଛି । ଦ୍ୱିତୀୟଦିନ ଦଶରଥ, ବାସୁଦେବ ଓ ଦେବକୀଙ୍କୁ ପିଣ୍ଡଦାନ କରିବେ । ତୃତୀୟଦିନ ନନ୍ଦ ଓ ଯଶୋଦାଙ୍କୁ ପିଣ୍ଡଦାନ କରିବେ । ତିନିଦିନ ଯାକ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ସହ ଶ୍ରାଦ୍ଧବେଶରେ ପ୍ରଭୁ ଦର୍ଶନ ଦେବେ । ଏହି ଶ୍ରାଦ୍ଧ ବେଶକୁ ଦେଖିବା ପାଇଁ ଭକ୍ତମାନେ ଅପେକ୍ଷା କରି ରହିଛନ୍ତି । ସିଂହଦ୍ୱାରରେ ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହେଉଛି।

## ପିଲାଙ୍କୁ ମାନସିକ ଚାପମୁକ୍ତ, ସ୍ମରଣ ଶକ୍ତି ବୃଦ୍ଧି ଓ ମନେରଖିବାର କୌଶଳ କ୍ଷଣିକ ମଧ୍ୟରେ ଶିଖାଯାଇପାରିବ : ଗୁରୁ ଦିବ୍ୟାନନ୍ଦଜୀ



ଭୁବନେଶ୍ୱର : ମାନସିକ ଚାପରୁ ମୁକ୍ତ ରହିବା ପାଇଁ ଯୋଗ ଧ୍ୟାନର ଆବଶ୍ୟକତା ରହିଛି । ପୁରାଣ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗ, ଧ୍ୟାନ ମାଧ୍ୟମରେ ଜଣେ ଜ୍ଞାନୀଗୁଣୀ, ସୁସ୍ଥ ଶରୀର ଗଠନ କରିବାର ନଜିର୍ ରହିଛି । ଏହାର ଉପାଦେୟତା କେତେ ଯେ ହିତକର ତାହା ଅବର୍ଣ୍ଣନୀୟ । ଗୋଟିଏ ଶବ୍ଦ 'ଓଁ' ସାରା ଶରୀରରେ ସିଂହରଣ ଖେଳାଇ ରୋଗ ନିବାରଣ କରେ । ଏହିଭଳି ଅନେକ କୌଶଳ ଶିଖାଇଛନ୍ତି ବିଶେଷଜ୍ଞମାନେ । ସ୍ପିରିଚୁଆଲ୍ ଏକାଡେମୀ (ଆଧ୍ୟାତ୍ମିକ ବିଦ୍ୟାପୀଠ) ପକ୍ଷରୁ ପିଲାମାନଙ୍କ ସ୍ମରଣଶକ୍ତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ସାମନ୍ତରାପୁର ନିକଟସ୍ଥ ନୂଆଗାଁ ଠାରେ ଥିବା ସ୍ପିରିଚୁଆଲ୍ ଏକାଡେମୀ ପରିସରରେ ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଗୁରୁ ଦିବ୍ୟାନନ୍ଦଜୀ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାଧ୍ୱୀ କୃଷ୍ଣାନନ୍ଦ ଓ ପ୍ରସିଦ୍ଧ ମେମୋରୀ ଜିନିୟସ୍ ବିରେନ୍ଦ୍ର ମେହେଟ୍ଟା ଛାତ୍ରଛାତ୍ରୀମାନଙ୍କୁ ମନେ ରଖିବାର କୌଶଳ ସାଙ୍ଗକୁ ମାନସିକ ଚାପୁରୁ ମୁକ୍ତି ପାଇଁ ମାର୍ଗ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲର ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଶେଷଜ୍ଞମାନଙ୍କ ଦ୍ୱାରା ଶିଖା ଯାଇଥିବା କୌଶଳ ମାଧ୍ୟମରେ ମାତ୍ର ଅଧ ଘଣ୍ଟାର ପ୍ରଶିକ୍ଷଣରେ ଦୁଇ ଶହ ଦେଶର ରାଜଧାନୀଙ୍କୁ ପିଲାମାନେ ମନେ ରଖିବା ସହିତ ତତ୍କ୍ଷଣାତ୍ ଉତ୍ତର ପ୍ରଦାନ କରିଥିଲେ । ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେଇ ଏହାର ଭାବଧାରାକୁ ଜନମାନସରେ ଉଦ୍ରେକ କରିବାର ପ୍ରଚେଷ୍ଟା ଜାରି ରଖିଥିବା ଓଡିଶାର ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ଆଧ୍ୟାତ୍ମିକ ବିଦ୍ୟାପୀଠ ବେଦ, ଉପନିଷଦ, ସ୍ମୃତିଶାସ୍ତ୍ର, ପଂଚାଙ୍ଗ, ସଂହିତା, ପୁରାଣ ଓ କର୍ମକାଣ୍ଡ ସାଙ୍ଗକୁ ଯୋଗ, ଧ୍ୟାନ, ପ୍ରାଣାୟମ ଓ ବୌଦ୍ଧିକ ଶିକ୍ଷା ଦେଇଆସୁଛି । ସେହିପରି ଏଠାରେ ପ୍ରତ୍ୟେହ ରୁଦ୍ରାଭିଷେକ ସହିତ ୭୨୦୦ ଶାଳଗ୍ରାମ ସ୍ନାନ କରାଯାଉଛି । ମାନସିକ ଚାପ ପରିଚାଳନା କ୍ଷେତ୍ରରେ ମଧ୍ୟ ଏହା କାର୍ଯ୍ୟ କରିଆସୁଅଛି । ଆଗାମୀ ଦିନରେ ଏହି ଅନୁଷ୍ଠାନ ବହୁ ଛାତ୍ରଛାତ୍ରୀଙ୍କୁ ଏହିଭଳି କାର୍ଯ୍ୟରେ ସାମିଲ କରି ସ୍ମୃତି ଶକ୍ତି ବୃଦ୍ଧି କରିବାର କାର୍ଯ୍ୟକ୍ରମ ରଖିଛି ।

## ପୋଲାଭରମକୁ ବିରୋଧ କରୁଛନ୍ତି ୪ ରାଜ୍ୟ

ମାଲକାନଗିରି : ଆନ୍ଧ୍ରର ପୋଲାଭରମ ପ୍ରକଳ୍ପକୁ ପୁଣି ବିରୋଧ । ଏଥିପାଇଁ ଏକାଠି ହୋଇଛନ୍ତି ୪ ରାଜ୍ୟର ହଜାର ହଜାର ଆଦିବାସୀ । ଆନ୍ଧ୍ରର ଚିନ୍ତୁରରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଓ ତେଲଙ୍ଗାନା ରାଜ୍ୟର ଅଖିଳ ଭାରତ ଆଦିବାସୀ ମହାସଂଘ ପକ୍ଷରୁ ବିରାଟ ଜନ ସମାବେଶ ହୋଇଛି । ସମାବେଶରେ ଯୋଗଦେଇ ପୋଲାଭରମ ପ୍ରକଳ୍ପକୁ ବିରୋଧ କରିଛନ୍ତି ୪ ରାଜ୍ୟର ଆଦିବାସୀ ।

## '୯ଟି' ସଚିବଙ୍କ ହସ୍ତକ୍ଷେପ ଯୋଗୁଁ ନ୍ୟାୟ ପାଇଲେ ଆଇ.ସି.ଡି.ଏସ୍. ପିଅନ ଓ ରାତ୍ର ଜଗୁଆଳ

ଭୁବନେଶ୍ୱର, ତା ୨୫।୧୧ : ରାଜ୍ୟର ୩୧୪ଟି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଆଇ.ସି.ଡି.ଏସ୍. ପ୍ରକଳ୍ପରେ ରାତ୍ର ଜଗୁଆଳ /ପିଅନ ପଦବୀରେ କର୍ମଚାରୀମାନେ କାମ କରିଆସୁଛନ୍ତି । ଦୀର୍ଘ ୨୦/୨୫ ବର୍ଷ ଧରି କାମ କରୁଥିଲେ ସୁଦ୍ଧା ସେମାନେ ସରକାରୀ ଆଇନ୍ ଅନୁଯାୟୀ ନିୟମିତ ଦରମା ପାଉନାହାନ୍ତି । ଆଇ.ସି.ଡି.ଏସ୍. ପ୍ରକଳ୍ପକୁ ଯାଉଥିବା କଣ୍ଟିଜେନ୍‌ସି ପାଣ୍ଠିରୁ ପ୍ରକଳ୍ପ ଅଧିକାରୀଙ୍କ ଦୟା ଅନୁସାରେ ସେମାନେ ଦରମା ପାଇଥାନ୍ତି । ବହୁ କର୍ମଚାରୀ ୩/୫ ବର୍ଷ ଧରି ଯେଉଁ କିଛି ସ୍ୱଳ୍ପ ଦରମା ପାଉଥିଲେ ତାହା ମଧ ପାଇନାହାନ୍ତି । ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୮୦ ଟଙ୍କା ଦୈନିକ ମଜୁରୀ ଦେବା ପାଇଁ ନିର୍ଦ୍ଦେଶ ଥିଲେ ସୁଦ୍ଧା ସେମାନେ ଆଜି ମଧ ଟ.୭୨.୫୦ ପଇସା ହିସାବରେ ମଜୁରୀ ପାଇଥାନ୍ତି । ଗତବର୍ଷ ସେମାନେ ବିଧାନସଭା ସମ୍ମୁଖରେ ଧାରଣା ଦେବାପରେ ମାନ୍ୟବର ମନ୍ତ୍ରୀ 'ଆମ ସଂଘ'କୁ ଡାକି ଆଲୋଚନା କରିଥିଲେ । ତତ୍କାଳୀନ ମନ୍ତ୍ରୀଙ୍କ ସହିତ ଆଲୋଚନା ଏବଂ '୯ଟି' ସଚିବଙ୍କ ହସ୍ତକ୍ଷେପ ଫଳରେ ଏହି ଗରିବ ଲୋକମାନଙ୍କର ଦାବି କେତେକାଂଶରେ ପୂରଣ ହୋଇଛି । ମାତ୍ର ଏବେବି ବହୁ ପିଅନ ଓ ରାତ୍ର ଜଗୁଆଳମାନେ ସରକାରୀ ଦୈନିକ ମଜୁରୀ ପାଇବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ଅର୍ଥ ବିଭାଗ ବିଭିନ୍ନ ବ୍ଲକକୁ କଣ୍ଟିଜେନ୍ସି ଟଙ୍କା ପଠାଇଥିଲେ ମଧ ବହୁ ସି.ଡି.ପି.ଓ. ସେମାନଙ୍କୁ ଦରମା ଦେଇନାହାଁନ୍ତି । ତେଣୁ ଏହି ଲୋକମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ତେଣୁ ରାଜ୍ୟ ସରକାର ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ନିମ୍ନଲିଖିତ ଦାବି ଗୁଡ଼ିକ ପ୍ରତି (୧) ସେମାନଙ୍କୁ ସରକାରୀ ଆଇନ୍ ଅନୁଯାୟୀ ଦୈନିକ ମଜୁରୀ ହାରରେ ଦରମା ଦେବା । (୨) ସମସ୍ତ ବକେୟା ଥିବା ଦରମା ପଇଠ କରିବା । (୩) ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାକିରୀ କରିଥିବା ରାତ୍ର ଜଗୁଆଳ / ପିଅନମାନଙ୍କୁ ପର୍ଯ୍ୟାୟକ୍ରମେ ବିଭାଗୀୟ ଖାଲି ପଦବୀରେ ନିଯୁକ୍ତି ଦେବା (୪) ସେମାନଙ୍କ ଦରମା ଓ ବକେୟା ବାବଦକୁ ବଜେଟ୍‌ରେ ସ୍ୱତନ୍ତ୍ର ଭାବରେ ପାଣ୍ଠି ପ୍ରଦାନ ଓ (୫) ଅଲଗା ହେଡ୍‌ରେ ଦରମା ଦେବାପାଇଁ ଏକ ସମ୍ବେଦନଶୀଳ ହୋଇ ପଦକ୍ଷେପ ନେବାକୁ ଓଡ଼ିଶା ଆଇ.ସି.ଡି.ଏସ୍. ରାତ୍ର ଜଗୁଆଳ ଓ ପିଅନ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇ ଏ ସମ୍ପର୍କରେ ଆଗାମୀ ଦିନରେ ମାନ୍ୟବର ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ସ୍ଥିର କରାଯାଇଛି । ଏହି ବୈଠକରେ ଶ୍ରୀଧର ସାହୁ, ସନ୍ତୋଷ କୁମାର ଗଉଡ଼, ରମାକାନ୍ତ ଆଚାରୀ, ପ୍ରମୋଦ କୁମାର ସେଠୀ, ରାଜେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ମିଶ୍ର, କୃପାସିନ୍ଧୁ ସ୍ୱାଇଁ, ନରହରି ପାତ୍ର ଓ ଭ୍ରମରବର ମହନ୍ତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯଦି ରାଜ୍ୟ ସରକାର ଏ ଦିଗରେ ବିହିତ ପଦକ୍ଷେପ ନ ନିଅନ୍ତି, ତାହେଲେ ଆଗାମୀ ଦିନରେ ମହାସଂଘ ବିଧାନସଭା ସମ୍ମୁଖରେ ଧାରଣା ଦେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray